ODIA DAILY EDITION
05.09.2024
କଟକ, ଗୁରୁବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ସେପ୍ଟେମ୍ବର-୦୫, ୨୦୨୪
ବର୍ଷ-୩୬, ସଂଖ୍ୟା-୬୧
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews



ଭାରତର ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ ଓ ପ୍ରଣମ୍ୟ ଗୁରୁ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ତିଥି ଉପଲକ୍ଷେ 'ମାତୃଭାଷା' ପରିବାର ପକ୍ଷରୁ ବିନମ୍ର ଶ୍ରଦ୍ଧାଞ୍ଜଳି ।

# 'ସୁଭଦ୍ରା' କଲ୍ ସେଣ୍ଟର ଉଦ୍‌ଘାଟନ

- ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ
- ଅଭିଯୋଗକାରୀଙ୍କ ସହ ନିଜ କଥା ହୋଇ ସନ୍ଦେହ ଦୂର କଲେ
- ଆବେଦନ କରିବାର ଶେଷ ତାରିଖ ନାହିଁ, ଭିଡ଼ ନ କରିବାକୁ ପରାମର୍ଶ ଦେଲେ

**ଭୁବନେଶ୍ୱର, ୪।୯:** ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଭୁବନେଶ୍ୱରସ୍ଥିତ ସୁଭଦ୍ରା କଲ ସେଂଟରକୁ ପରିଦର୍ଶନରେ ଯାଇ ଏହାର କାର୍ଯ୍ୟକରିତାକୁ ସମୀକ୍ଷା କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କଲ୍ ସେଂଟରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସହ ଆଲୋଚନା କରିଛନ୍ତି ଓ ଲୋକମାନଙ୍କୁ ଠିକ ସୂଚନା ଦେବା ସେମାନଙ୍କ ଗୁରୁଦାୟିତ୍ୱ ବୋଲି ଉଲ୍ଲେଖ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜେ ଏହି ସେଂଟରରେ ଏକ କଲ୍ ?ରେ କଥା ହୋଇ ଅଭିଯୋଗକାରୀଙ୍କ ସନ୍ଦେହ ଦୂର କରିଛନ୍ତି ।

ସୂଚନାଯୋଗ୍ୟ, ସମସ୍ତଙ୍କୁ ସହଜରେ ସୂଚନା ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ହେଲ୍‌ପ୍‌ଲାଇନ ନମ୍ବର - ୧୪୬୭୮ ଜାରି କରାଯାଇଛି । ଏହି ହେଲ୍‌ପ୍‌ଲାଇନ ନମ୍ବର ପ୍ରତିଦିନ ସକାଳ ୬ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଛି । ଏହି କଲ ସେଂଟରଟି ମହିଳା ଓ ଶିଶୁ ବିକାଶ ବିଭାଗ ଓ 'ତତ୍ତ୍ୱ ଟେକ୍‌ନୋଲୋଜି'ର ସହଭାଗିତାରେ କାର୍ଯ୍ୟକାରୀ କରାଯାଉଛି । ଏହି ସେଂଟରରେ ୧୮୦ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି ଓ ଏଥିରେ ୧୨୦ ଜଣ ମହିଳା କାର୍ଯ୍ୟରତ ଅଛନ୍ତି । ୩୦ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ସେଂଟରରେ ଏଯାବତ ୮୨୦୦୦ କଲ୍‌ର ଉତ୍ତର ଦିଆଯାଇଛି । ପ୍ରମୁଖ ପ୍ରଶ୍ନ ମଧ୍ୟରେ ଆଧାର ଓ ମୋବାଇଲ ଲିଙ୍କ, ଫର୍ମ ଦାଖଲର ଶେଷ ତାରିଖ, ସୁଭଦ୍ରା ଫର୍ମ ପୂରଣର ପ୍ରକ୍ରିୟା, ପ୍ରଥମ କିସ୍ତି ମିଳିବା ତାରିଖ, ଆୟ ପ୍ରମାଣପତ୍ର (ଇନକମ ସାର୍ଟିଫିକେଟ) ଓ ରାସନ କାର୍ଡର ଆବଶ୍ୟକତା ସମ୍ବନ୍ଧୀୟ ପ୍ରଶ୍ନ ବହୁ ମାତ୍ରାରେ କଲ୍ ସେଂଟରକୁ ଆସୁଥିବାର ସୂଚନା ରହିଛି । ଏହି ସବୁ ପ୍ରଶ୍ନର ଉତ୍ତର ସଠିକ ଭାବେ ଦେଇ ଲୋକଙ୍କ ମନର ଭୁଲ ଧାରଣାକୁ ଦୂର କରାଯାଉଛି ।



ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନା ଫର୍ମ ଦାଖଲକୁ ନେଇ ଲୋକଙ୍କ ମନରେ ରହିଛି ବହୁ ଦ୍ୱନ୍ଦ୍ୱ । ଆଜି ଏହି ଦ୍ୱନ୍ଦ୍ୱ ଦୂର କରିଛନ୍ତି ଜନସେବା କେନ୍ଦ୍ରର 'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ ମୁଖ୍ୟ ଦିଲ୍ଲୀପ ଦାଶ । ସେ କହିଛନ୍ତି, ଘରେ ରହି ଅନ୍‌ଲାଇନରେ କରି ପାରିବେନି ସୁଭଦ୍ରା ଯୋଜନା ଆବେଦନ ।

## ଗୁଜବଠାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ

ଶ୍ରୀ ଦାଶ କହିଛନ୍ତି, ସୁଭଦ୍ର ପାଇଁ ଆବେଦନ କରିବାକୁ ହେଲେ ଜନସେବା କେନ୍ଦ୍ରକୁ ଆସିବାକୁ ପଡ଼ିବ । ଆଜି ସନ୍ଧ୍ୟାରୁ ଖୋଲିବ ସୁଭଦ୍ରା ପୋର୍ଟାଲ । ତେଣୁ ଏବେଠୁ ଜନସେବା କେନ୍ଦ୍ରରେ ଲଗାନ୍ତୁନି ଭିଡ଼ । ସେହିପରି ସୁଭଦ୍ରା ଯୋଜନା ଆବେଦନ ପାଇଁ କୌଣସି ଶେଷ ତାରିଖ ଘୋଷଣା ହୋଇନାହିଁ । ତେଣୁ ଶେଷ ଆବେଦନକାରୀ ଥିବା ଯାଏଁ ଜାରି ରହିବ ଫର୍ମ ଗ୍ରହଣ ବୋଲି ଶ୍ରୀ ଦାଶ କହିଛନ୍ତି । ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ଅଙ୍ଗନବାଡି କର୍ମୀଙ୍କ ଜରିଆରେ ଆବେଦନକାରୀଙ୍କ ପାଖରେ ଉପଲବ୍ଧ କରାଇଛନ୍ତି ସୁଭଦ୍ରା ଫର୍ମ । କିଛି ଜନସେବା କେନ୍ଦ୍ରରେ ମଧ ଫର୍ମ ଉପଲବ୍ଧ ହେଉଛି । ସେମାନଙ୍କଠାରୁ ଫର୍ମ ନେଇ ପୂରଣ କରି ଜନସେବା କେନ୍ଦ୍ରରେ ଦାଖଲ କରିବେ । ଏଥିପାଇଁ ସାଥିରେ କେବଳ ଆଧାର ଆଣିବାକୁ ପଡ଼ିବ । ମୋବାଇଲ ନମ୍ବର, ଆଙ୍ଗୁଠି ଛାପ, ମୁହଁ କିମ୍ବା ଆଖି ଡୋଳା ଭଳି ୪ଟି ବିକଳ୍ପରେ ହୋଇପାରିବ ଆଧାର ଅଥେଣ୍ଟିକେସନ । ତେଣୁ ଆଧାର ଅପଡେଟ୍ କରାଇବା ଲାଗି ମଧ ଲୋକମାନେ ଜନସେବା କେନ୍ଦ୍ରରେ ଅଯଥା ଭିଡ଼ ଲଗାନ୍ତୁ ନାହିଁ । ଅନେକ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଇ ସୁଭଦ୍ରା ଯୋଜନା ଫର୍ମ ଗ୍ରହଣ ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ଦାଶ କହିଛନ୍ତି ।

## ସମସ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଭଙ୍ଗ କରାଗଲା

**ଭୁବନେଶ୍ୱର, ୪।୯:** ରାଜ୍ୟର ସମସ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଭଙ୍ଗ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି । ଏହା ଦ୍ୱାରା ରାଜ୍ୟରେ ଥିବା ସମସ୍ତ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକାରିତା ସମାପ୍ତ ହୋଇଥିବା ଜଣାପଡିଛି ।

## ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ୍‌ରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୪।୯:** ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ ହଷ୍ଟେଲ ଛାତରୁ ଡେଇଁ ଜଣେ ଛାତ୍ରୀ ଆତ୍ମହତ୍ୟା । ମୃତ ଛାତ୍ରୀ ଜଣଙ୍କ ବି.ଟେକ ତୃତୀୟ ବର୍ଷରେ ପାଠ ପଢୁଥିଲେ । ତାଙ୍କ ଘର ଦିଲ୍ଲୀରେ ହୋଇଥିବା ବେଳେ ସେ ଏଠାରେ ହଷ୍ଟେଲରେ ରହୁଥିଲେ । କିଛି ଦିନ ହେବ ସେ ମାନସିକ ଚାପରେ ଥିଲେ । ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହାର ପ୍ରକୃତ କାରଣ ଜଣାପଡ଼ିନାହିଁ ।

## ନୂଆଖାଇ ଉପଲକ୍ଷେ ସୋମବାର ସ୍କୁଲ ବନ୍ଦ

**ଭୁବନେଶ୍ୱର, ୪।୯:** ଚଳିତ ବର୍ଷ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ଅବସରରେ ଆସନ୍ତା (ସୋମବାର)ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ଛୁଟି ଘୋଷଣା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

| | |
|---|---|
| ସେନ୍‌ସେକ୍ସ | ୮୨,୩୫୨ |
| ନିଫ୍ଟି | ୨୫,୧୯୮ |
| ସୁନା/୧୦ଗ୍ରା | ୭୩,୧୬୦ |
| ରୂପା/କିଗ୍ରା | ୮୬,୦୦୦ |
| ଡଲାର | ୮୩.୯୯ |

## ପାଣିପାଗ

| ସର୍ବାଧିକ | |
|---|---|
| ଭୁବନେଶ୍ୱର: | ୩୪.୭° |
| କଟକ: | ୩୪.୫° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୬.୪° |
| କଟକ: | ୨୫.୫° |

## ହାଲ୍‌ଚାଲ୍



ସୁଭଦ୍ରା ଯୋଜନା କଅଲ ସେଣ୍ଟର ଉଦ୍‌ଘାଟନ ଆଜି ହୋଇଲା ଆବେଦନ କରିବା ପାଇଁ ଲୋକଙ୍କର ଲମ୍ବା ଲାଇନ୍ ଲାଗିଲା ଶେଷ ତାରିଖ କିଛି ନାହିଁ ଭିଡ଼ ନ କରିବାକୁ କୁହାଗଲା ।

# ପ୍ରୟାଗରାଜର ମଦ୍ରାସାରେ ଛପାଯାଉଥିଲା ନକଲି ନୋଟ୍

- ନୋଟ୍ ଓ ଛପା ମେସିନ୍ ଜବତ
- ରହିଛି ଓଡ଼ିଶା ଲିଙ୍କ୍
- ତଦନ୍ତ ପାଇଁ ଭଦ୍ରକ ଆସିପାରେ ୟୁପି ପୋଲିସ

**ପ୍ରୟାଗରାଜ/ଭଦ୍ରକ, ୪।୯:** ଉତ୍ତର ପ୍ରଦେଶ ପ୍ରୟାଗରାଜର ମଦ୍ରାସାରେ ନକଲି ନୋଟ୍ ଏବଂ ନୋଟ୍ ଛପା ମେସିନ୍ ଜବତ ହେବା ଘଟଣାରେ ମିଳିଛି ଓଡ଼ିଶା ଲିଙ୍କ୍ । ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ ଭଦ୍ରକର ଜାହିର ଖାନ୍ ବୋଲି ଜଣାପଡିଛି । ମଦ୍ରାସାର ପ୍ରିନ୍ସିପାଲ ମଧ ଓଡ଼ିଶାର ବୋଲି ଉତ୍ତରପ୍ରଦେଶ ପୋଲିସ ସୂଚନା ଦେଇଛି । ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ଖୁବ୍ ଶୀଘ୍ର ଭଦ୍ରକ ଆସିପାରେ ଉତ୍ତରପ୍ରଦେଶ ପୋଲିସ ।

ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଥିବା ଏକ ମଦ୍ରାସାରେ ଗତ ୨୮ ତାରିଖରେ ସନ୍ଦେହଜନକ ଗତିବିଧି ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସଦଳବଳେ ସେଠାରେ ଚଢ଼ଉ କରିଥିଲା ପ୍ରୟାଗରାଜ ପୋଲିସ । ରେଡ୍ ପରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ସମସ୍ତଙ୍କୁ ଚକିତ କରିଛି । ପ୍ରୟାଗରାଜର ସମ୍ପୃକ୍ତ ମଦ୍ରାସାରେ ପାଠ ପଢ଼ା ଯାଉଥିଲା ନା' ଆଉ କିଛି ତାହାର ତଦନ୍ତ ଚାଲିଛି । ସମ୍ପୃକ୍ତ ମଦ୍ରାସାରେ ଛପାଯାଉଥିଲା କୋଟି କୋଟି ଟଙ୍କାର ଜାଲ୍ ନୋଟ୍, ଯାହା ତଦନ୍ତ ବେଳେ ସାମ୍ନାକୁ ଆସିଛି ।



ଏହି ଜାଲ୍ ନୋଟ୍ କାରବାର ଲିଙ୍କ୍‌ରେ ଓଡ଼ିଶାର ଜାହିର ଖାନ୍ ମାଷ୍ଟରମାଇଣ୍ଡ ବୋଲି ପୋଲିସ ତାର ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ପ୍ରୟାଗରାଜ ପୋଲିସ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛି । ତେଣୁ ଏହି ଲିଙ୍କ୍ ରେ ଖୁବ୍ ଶୀଘ୍ର ଓଡ଼ିଶା ଆସିପାରେ ଉତର ପ୍ରଦେଶ ପୁଲିସ ।

ପୁଲିସର ସୂଚନା ଅନୁସାରେ, ଜାହିର ଖାନ ପ୍ରାୟ ୪ ବର୍ଷ ତଳେ ଏହି ମଦ୍ରାସାକୁ ଆସିଥିଲା । ସେଠାରେ ରହି ପାଠ ପଢୁଥିଲା । ତେବେ ମଦ୍ରାସା ଭିତରେ ପ୍ରିଂଟର ଏବଂ ସ୍କାନର ବ୍ୟବହାର କରି ସେ ଜାଲ୍ ନୋଟ୍ ଛାପୁଥିଲା ବୋଲି ପୁଲିସ କହିଛି । ମଦ୍ରାସାରୁ ପ୍ରିଂଟର ସହ ୧୩ ଶହଟି ଜାଲ୍ ଶହେ ଟଙ୍କିଆ ନୋଟ୍ ଜବତ ହୋଇଛି । ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ଗିରଫଙ୍କ ମଧ୍ୟରେ ସଂପୃକ୍ତ ମଦ୍ରାସାର ପ୍ରିନ୍ସପାଲ ମଧ ସାମିଲ୍ ଅଛନ୍ତି । ତାଙ୍କ ଘର ମଧ ଓଡ଼ିଶାରେ ବୋଲି ପୁଲିସ ସୂଚନା ଦେଇଛି । ତେବେ ଆଗକୁ ତଦନ୍ତ ବ୍ୟାପକ ହେଲେ ଏନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି ।

# ନଭେମ୍ବର ୧୫ରୁ ଐତିହାସିକ ବାଲିଯାତ୍ରା

- ସୂଚନା ଦେଲେ ଜିଲ୍ଲାପାଳ
- କେତେ ଦିନ ହେବ ହୋଇନି ନିଷ୍ପତ୍ତି

**କଟକ, ୪।୯:** ଆସନ୍ତା ନଭେମ୍ବର ୧୫ ତାରିଖରୁ କଟକର ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା ଆରମ୍ଭ ହେବ । ତେବେ ଚଳିତ ବର୍ଷ କେତେ ଦିନ ପାଇଁ ବାଲିଯାତ୍ରା ହେବ, ତାହା ପରବର୍ତ୍ତୀ ରାଜ୍ୟସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି ।

ଜିଲ୍ଲାପାଳ କହିଛନ୍ତି, ବାଲିଯାତ୍ରାକୁ ଆସୁଥିବା ସମସ୍ତ ବ୍ୟବସାୟୀଙ୍କୁ ସୁଚାରୁ ରୂପେ ଷ୍ଟଲ ଆବଣ୍ଟନ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସହ ସମ୍ପୂର୍ଣ ବାଲିଯାତ୍ରାକୁ ଇଣ୍ଟିଗ୍ରେଟେଡ଼ କରାଯିବ । ପାର୍କିଙ୍ଗ ସମସ୍ୟା ଦୂର କରିବା ପାଇଁ ଅଧିକ ଜାଗା ଚିହ୍ନଟ କରାଯିବ ଏବଂ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଯାତ୍ରା ସମୟରେ ଆମ୍ବୁଲାନ୍ସ ଏବଂ ଭିଆଇପିଙ୍କ ପାଇଁ ଏକ ଗ୍ରୀନ କରିଡର ପ୍ରସ୍ତୁତ ରଖାଯିବ । ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ଅଧିକ ଶୌଚାଳୟର ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି । କଟକର ସଂସ୍କୃତିକୁ କିପରି ଦେଶ ଏବଂ ଦେଶ ବାହାରକୁ ନିଆ ଯାଇପାରିବ ସେନେଇ ଆଜିର ଅଭ୍ୟନ୍ତରୀଣ ବୈଠକରେ ନିଷ୍ପତ୍ତି ହୋଇଛି ।

# ଚଳିତ ମାସରୁ ଜିଲ୍ଲା ଗସ୍ତରେ ଯିବେ ସଚିବ

**ଭୁବନେଶ୍ୱର, ୪।୯:** ଜିଲ୍ଲା ବୁଲିବେ ବାବୁ । ଚଳିତ ମାସରୁ ଜିଲ୍ଲା ଗସ୍ତରେ ଯିବେ ସଚିବ । ପ୍ରତିମାସରେ ବଦଳିବ ଆବଣ୍ଟିତ ଜିଲ୍ଲା । ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଆବଣ୍ଟିତ ଜିଲ୍ଲା ପରିଦର୍ଶନ କରିବା ପାଇଁ ୨-୨ ଦିନର ଯୋଜନା ପ୍ରସ୍ତୁତ କରିବା ସହ ଅନ୍ୟ ୧୧ଟି ଦିଗ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି । ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଆଜି ସମସ୍ତ ବିଭାଗର ସଚିବ ଓ ଅନ୍ୟ ୮ଜଣ ନିର୍ଦ୍ଦେଶକ ପାହ୍ୟାର ଅଫିସରଙ୍କୁ ଚିଠି ଲେଖି ଜିଲ୍ଲା ଗସ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

**ପ୍ରତି ମାସରେ ବଦଳିବ ଆବଣ୍ଟିତ ଜିଲ୍ଲା**

ଏହି ଆଇଏଏସ୍ ଅଫିସରମାନେ ଆବଣ୍ଟିତ ଜିଲ୍ଲାର ଯେକୌଣସି ସ୍ଥାନକୁ ନିଜ ଇଚ୍ଛା ଅନୁସାରେ ପରିଦର୍ଶନରେ ଯାଇପାରିବେ । ତେବେ ଏଥିରେ ଅପହଞ୍ଚ ଓ ଆଦିବାସୀ ବହୁଳ ଅଞ୍ଚଳକୁ ସାମିଲ କରିବାକୁ କୁହାଯାଇଛି । ଗସ୍ତ ସମୟରେ ଅଫିସରମାନେ ଯେ କୌଣସି ଗୋଟିଏ ପଞ୍ଚାୟତକୁ ପରିଦର୍ଶନ କରି ସେଠାରେ ସରକାରଙ୍କ ବିଭିନ୍ନ ଯୋଜନାରେ ମୌଳିକ ସୁବିଧାଗୁଡ଼ିକ କିଭଳି ଉପଲବ୍ଧ ହେଉଛି ତାହା ତଦାରଖ କରିବେ । ଏଥି ସହ ଦିନକୁ ଅତିକମରେ ଧାର୍ଯ୍ୟ ମୂଲ୍ୟ ଦେଇ ଆହାର କେନ୍ଦ୍ର, ଆବାସିକ ଛାତ୍ରାବାସ, ସ୍କୁଲ ମଧାହ୍ନ ଭୋଜନ, ଅନାଥ ଆଶ୍ରମରେ ଭୋଜନ କରି ଖାଦ୍ୟର ଗୁଣବତ୍ତା ଓ ସେଠାକାର ପରିବେଶ ପରିସ୍ଥିତି ଉପରେ ଦୃଷ୍ଟି ଦେବେ । ଏହି ସମୟରେ ଛାତ୍ରଛାତ୍ରୀ ଓ ଅନ୍ତେବାସୀଙ୍କ ସହ ଆଲୋଚନା କରି ସେଠାରେ ଉପଲବ୍ଧ ସୁରକ୍ଷା, ସୁବିଧାସୁଯୋଗ ଓ ସେମାନଙ୍କ ପ୍ରତି କରାଯାଉଥିବା ଆଚରଣ ପଚାରି ବୁଝିବେ । ଜିଲ୍ଲାଗସ୍ତ ବେଳେ ବିଭିନ୍ନ ବର୍ଗର ଲୋକ, ହସ୍ପିଟାଲରେ ଚିକିତ୍ସିତ ରୋଗୀ ଅଙ୍ଗନବାଡ଼ି ହିତାଧିକାରୀ, ସ୍କୁଲ ଓ ହଷ୍ଟେଲର ଛାତ୍ରୀମାନଙ୍କ ସହ କଥାବାର୍ତ୍ତା ହେବେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ସମୀକ୍ଷା କରିବା ସହ ଜିଲ୍ଲାରେ ଥିବା ବନ୍ଦର, ବିମାନ ବନ୍ଦର, ଶିଳ୍ପ କରିଡର, ମେଡିକାଲ କଲେଜ, ବୃହତ୍ତ ଜଳସେଚନ ପ୍ରକଳ୍ପ, ନୂଆ ପ୍ରକଳ୍ପ ଆଦିର ସମୀକ୍ଷା କରିବେ ।

ଜିଲ୍ଲାରେ ଯଦି ଟ୍ରେନି ଆଇଏଏସ୍ ଥିବେ ସେମାନଙ୍କ ସହ ମଧ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । କ୍ଷେତ୍ର ପରିଦର୍ଶନ ପରେ ଅତିକମରେ ଅଧାଦିନ ସମ୍ପୃକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରି ଏହି ଅଫିସରମାନେ ନିଜସ୍ୱ ମନ୍ତବ୍ୟ ଦେବେ ।

## ସେପ୍ଟେମ୍ବର ସୁଦ୍ଧା ନୂଆ ରାସନକାର୍ଡ

**ଭୁବନେଶ୍ୱର, ୪।୯:** ଆରମ୍ଭ ହୋଇଛି ଜାଲ୍ ରାସନ କାର୍ଡ ଧରପଗଡ଼ । ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ନୂଆ ରାସନ କାର୍ଡ ଦିଆଯିବ । ଏଥିପାଇଁ ୧୦ ଲକ୍ଷରୁ ଅଧିକ ଲୋକ ଆବେଦନ କରିଛନ୍ତି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ ଆହୁରି ମଧ କହିଛନ୍ତି ଯେ, ନୂଆ ରାସନ କାର୍ଡ ପାଇଁ ୧୦ ଲକ୍ଷରୁ ଅଧିକ ଲୋକ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି । ଅଗଷ୍ଟ ୨୨ ତାରିଖ ଠାରୁ ଇ - କଣଓ ପ୍ରକ୍ରିୟାରେ ଜାଲି କାର୍ଡ ଧରିବା ପାଇଁ ଆରମ୍ଭ ହୋଇଛି ଧରପଗଡ଼ । ଏହା ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଚାଲିବ । ଏବେ ଯାଏଁ ପାଖାପାଖି ୪୪ ଲକ୍ଷ ୩୩ ହାଜର କାର୍ଡର ଯାଞ୍ଚ ସାରିଛି ।

# କେରଳ ଓ ତ୍ରିପୁରା ସହାୟତା ଯୋଗାଇବ ଓଡ଼ିଶା



- କେରଳ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ମୋହନ
- ପ୍ରାକୃତିକ ବିପର୍ଯ୍ୟୟ ପରେ ପୁନରୁଦ୍ଧା ପାଇଁ ଉଭୟ ରାଜ୍ୟକୁ ୫ କୋଟି ଲେଖାଏଁ ଦିଆଯିବ

**ଭୁବନେଶ୍ୱର, ୪।୯:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ସଂଧ୍ୟାରେ କେରଳର ମୁଖ୍ୟମନ୍ତ୍ରୀ ଶ୍ରୀ ପିନାରାଇ ବିଜୟନ ଓ ତ୍ରିପୁରାର ମୁଖ୍ୟମନ୍ତ୍ରୀ ଶ୍ରୀ ମାନିକ ଶାହାଙ୍କ ସହିତ ଫୋନ ଯୋଗେ ଆଲୋଚନା କରି ଉଭୟ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଘଟିଥିବା କ୍ଷୟକ୍ଷତି ପାଇଁ ସମବେଦନା ପ୍ରକାଶ କରିଛନ୍ତି ।

ଉଭୟ ରାଜ୍ୟରେ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ଓଡିଶା ସହଯୋଗର ହାତ ବଢାଇବା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନା ସମୟରେ କହିଥିଲେ ।

ଏଥିପାଇଁ ଉଭୟ କେରଳ ଓ ତ୍ରିପୁରାକୁ ୫ କୋଟି ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ । ଉଭୟ କେରଳ ଓ ତ୍ରିପୁରାର ମୁଖ୍ୟମନ୍ତ୍ରୀ ଏହି ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି । ବିପର୍ଯ୍ୟୟ ସମୟ ରେ ଉଭୟ ରାଜ୍ୟ ରେ ଥିବା ଓଡ଼ିଆ ଲୋକ ଙ୍କୁ ସାହାଯ୍ୟ ଓ ସହାୟତା କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟ ରାଜ୍ୟ ର ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସୂଚନାଯୋଗ୍ୟ ଯେ ଗତ ମାସରେ ଉଭୟ ରାଜ୍ୟ ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ । କେରଳରେ ଭୂସ୍ଖଳନ ଓ ତ୍ରିପୁରାରେ ବନ୍ୟା ଯୋଗୁଁ ବ୍ୟାପକ ଧନଜୀବନ ନଷ୍ଟ ହୋଇଛି ।

## ନିଜକୁ ଗୁଳି କରି ଯବାନଙ୍କ ଆତ୍ମହତ୍ୟା

**କାରଣ ଅସ୍ପଷ୍ଟ**

**ରାଇଘର, ୪।୯:** ନବରଙ୍ଗପୁର ଜିଲ୍ଲା ସୀମାନ୍ତରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଅନ୍ତର୍ଗତ କାଙ୍କେର ଜିଲ୍ଲାର କୋସରୋଡା କ୍ୟାମ୍ପରେ ଏକ ଅଭାବନୀୟ ଘଟଣା ଘଟିଛିକ୍ଷ ୩୩ ବାଟାଲିୟନ୍ ର ଜଣେ ଯବାନ ରାକେଶ କୁମାର (୩୧)ନିଜ ରାଇଫଲ୍ ରେ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି କ୍ଷ ଗତକାଲି ଅପରାହ୍ନରେ ଏହି ଘଟଣା ଘଟିଥିବା ବେଳେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ପାରି ନାହିଁକ୍ଷ ରାକେଶ କୁମାରଙ୍କ ଘର ଉତ୍ତର ପ୍ରଦେଶର ମିରଟରେ ଏବଂ ସେ ନକ୍ସଲ ନିପାତ ପାଇଁ ନିୟୋଜିତ ରହିଥିଲେକ୍ଷ ପୁଲିସ ଶବ ଜବତ କରି ବ୍ୟବଛେଦ ପରେ ତଦନ୍ତ ଆରମ୍ଭ କରିଛି ।

# ବାର୍ଡ-ଫ୍ଲୁ ନେଇ ୩ ଜଣିଆ କେନ୍ଦ୍ରୀୟ ଟିମ୍‌ର ତନାଘନା

**ଚିହ୍ନଟ ହୋଇଥିବା କୁକୁଡ଼ା ଫାର୍ମ ଚାଷୀଙ୍କୁ ଆଇସୋଲେସନରେ ରହିବାପାଇଁ ପରାମର୍ଶ**

**ବାମନାଳ, ୪।୯:** ପୁରୀ ଜିଲ୍ଲାରେ ଚିନ୍ତା ବଢ଼ାଇଛି ବାର୍ଡ-ଫ୍ଲୁ । ନିମାପଡ଼ା ବ୍ଲକ ଅନ୍ତର୍ଗତ କୋଠକୁସାଙ୍ଗ ବାର୍ଡ-ଫ୍ଲୁ ଚିହ୍ନଟ ହେବାପରେ ଆଜି ଅପରାହ୍ନରେ କୋଠକୁସାଙ୍ଗ ବ୍ରଏଲର ଫାର୍ମରେ ଭାରତ ସରକାରଙ୍କ ତରଫରୁ ତିନି ଜଣିଆ ପ୍ରାଣୀରୋଗ ବିଶେଷଜ୍ଞ ପହଞ୍ଚି ଏକ କିଲୋମିଟର ଭିତରେ ଥିବା ଫାର୍ମଗୁଡ଼ିକରେ ନୂଆସନ୍ଥ ଅଧୀନ ଦାସପୁରଷତମପୁର, ବାଲିପଦା, ବକୁଗ୍ରାମରେ ତଦନ୍ତ ଚଲାଇଛନ୍ତି ।

ତିନି ଜଣିଆ ପ୍ରାଣୀରୋଗ ବିଶେଷଜ୍ଞ କୁକୁଡ଼ା ଫାର୍ମରେ ପହଞ୍ଚି ଏକ କିଲୋମିଟର ଭିତରେ ଥିବା ଫାର୍ମଗୁଡ଼ିକରେ ନୂଆସନ୍ଥ ଅଧୀନ ଦାସପୁରଷତମପୁର, ବାଲିପଦା, ବକୁଗ୍ରାମରେ ତଦନ୍ତ ଚଲାଇଛନ୍ତି ।

ସୂଚନା ମୁତାବକ ବୁଧବାର ଦିନ କୋଠକୁସାଙ୍ଗଗ୍ରାମର ଚାଷୀ ଅତୁଲ୍ୟ ନାରାୟଣ ସିଂଙ୍ଗଙ୍କ ବଏଲର ଫାର୍ମରେ ଭାରତ ସରକାରଙ୍କ ତିନି ଜଣିଆ ପ୍ରାଣୀ ରୋଗ ବିଶେଷଜ୍ଞ ଡଃ ଅଭିଜିତ ମିତ୍ରା, ସହ ପ୍ରାଣୀ ରୋଗ ବିଶେଷଜ୍ଞ ଡଃ ଅଧିରାଜ ମିଶ୍ରା ଓ ରାମାଶିଷ ହାଜେରା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ୧୦ଜଣ ଲେଖାଏଁ ରାପିଡ଼ ରେସ୍ପିନ୍ସ ଟିମକୁ କୁକୁଡ଼ା କେବେ ମଲେ ଏବଂ ସେମାନଙ୍କ ଉପରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ।



ଭାରତ ସରକାରଙ୍କ ପ୍ରାଣୀ ରୋଗ ବିଶେଷଜ୍ଞ ଡଃ ଅଭିଜିତ୍ ମିତ୍ରାଙ୍କୁ ଏହି ବାର୍ଡ-ଫ୍ଲୁ ରୋଗ ବିଷୟରେ ପଚାରିବାରୁ ସେ କହିଥିଲେ ଯେ ଏହି ରୋଗ କୁକୁଡ଼ାଙ୍କମାନଙ୍କ ପାଖରେ ଦେଖାଯାଏ । ଜଙ୍ଗଲରେ ରହୁଥିବା ପକ୍ଷୀ, ଗାଈମାନଙ୍କ କ୍ଷେତ୍ରରେ ଦେଖାଦିଏ ଏବଂ ମନୁଷ୍ୟ ଶରୀରରେ ମଧ ଦେଖାଦେଇପାରେ । ଆଜି ପର୍ଯ୍ୟନ୍ତ କିନ୍ତୁ ମନୁଷ୍ୟମାନଙ୍କ କ୍ଷେତ୍ରରେ ଏହି ରୋଗ ଦେଖାଯାଇ ନାହିଁ । ଚିହ୍ନଟ ହୋଇଥିବା କୁକୁଡ଼ା ଫାର୍ମ ଚାଷୀଙ୍କୁ ଆଇସୋଲେସନରେ ରହିବାପାଇଁ ପରାମର୍ଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ଭେଟନାରୀ ସର୍ଜନ ଡଃ ରାଜେଶ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ପ୍ରଦିପ କୁମାର ସେଠ୍, ଅତିରିକ୍ତ ନିର୍ଦ୍ଦେଶକ ଡଃ ମିହିର ନାୟକ, ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଅଧିକାରୀ ଉମାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଗୃହରେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା, ପେସସନ ବଢ଼ାଇବା ଦାବି

**ଭୁବନେଶ୍ୱର ୪।୯:** ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କର ଦରମା, ଭତା ଓ ପେନସନ ପ୍ରସଙ୍ଗ ଆଜି ଗୃହରେ ଉଠିଛି । ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ଏହି ପ୍ରସଙ୍ଗ ଉଠାଇ ଏ ସମ୍ପର୍କରେ ନିଷ୍ପତି ନେବାକୁ ସେମାନେ ଦାବି କରିଛନ୍ତି ।

ବୁଧବାର ଦିନ ଶୂନ୍ୟକାଳରେ କଂଗ୍ରେସ ଦଳର ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଗତ ବିଧାନସଭା ସମୟରେ ବିଧାୟକ ତଥା ପୂର୍ବତନ ବିଧାୟକ ମାନଙ୍କର ଭତା, ପେନସନ ଓ ଦରମା ବୃଦ୍ଧି କରିବାକୁ ନେଇ ଏକ କମିଟି ଗଠନ ହୋଇଥିଲା । ୨୦୨୨ ମସିହାରେ ଗଠିତ ହୋଇଥିବା କମିଟିରେ ମୁଁ ମଧ ସଦସ୍ୟ ଥିଲି । ଏହି କମିଟି ତାର ରିପୋର୍ଟ ପ୍ରଦାନ କରିଥିଲା । ଏହା ପରେ ଏହି ରିପୋର୍ଟକୁ ନେଇ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ତେଣୁ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ଏହି ପ୍ରସଙ୍ଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ।

ସରକାରୀ ଦଳର ବିଧାୟକ ସନାତନ ବିଜୁଳି ମଧ ସେହି ସମାନ ପ୍ରସଙ୍ଗ ଉଠାଇଥିଲେ ଓ ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କର ଦରମା, ଭତା ଓ ପେନସନ ବଢାଇବାକୁ ଦାବି କରିଥିଲେ । ଏହା ପରେ ଭାସ୍କର ମଢେଇ ମଧ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ବାହିନିପତି ଓ ସନାତନ ବିଜୁଳିଙ୍କୁ ସମର୍ଥନ କରିଥିଲେ ।

# ହ୍ୱାଲୋ ବଲିଉଡ୍



## ଜରିନ-ଶିବାଶିଷଙ୍କ ବ୍ରେକଅପ୍

ବଲିଉଡ ଅଭିନେତ୍ରୀ ଜରିନ ଖାନ। ବର୍ତ୍ତମାନ ତାଙ୍କ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଅଭିନେତ୍ରୀଙ୍କ ପ୍ରେମ ଜୀବନରେ ଝଡ ସୃଷ୍ଟି ହୋଇଛି। ସେମାନଙ୍କର ୩ ବର୍ଷର ସମ୍ପର୍କ ହଠାତ୍ ଭାଙ୍ଗିଯାଇଛି। ବର୍ତ୍ତମାନ ଜରିନଙ୍କର ବ୍ରେକଅପ୍ ଖବର ହେତୁ ଅନେକ କଥା ଶୁଣିବାକୁ ମିଳୁଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜରିନ ଖାନ ପୁଣି ଥରେ ସିଙ୍ଗଲ କାରଣ ସେ ତାଙ୍କ ପ୍ରେମିକ ଶିବଶିଷ ମିଶ୍ରାଙ୍କ ସହ ବ୍ରେକଅପ କରି ନେଇଛନ୍ତି। ଗୋଟିଏ ପଟେ ପ୍ରେଗନେନ୍ସି ଏବଂ ବିବାହ ପ୍ରସ୍ତାବର ଖୁସି ଖବର କ୍ରମାଗତ ଭାବରେ ବି-ଟାଉନରୁ ବାହାରୁଛି । ସେପଟେ ଜରିନ ଖାନଙ୍କ ସମ୍ପର୍କ ଭାଙ୍ଗିବା ସୂଚନା ପାଇବା ମାତ୍ରେ ମାହୋଲ ଟିକେ ଗମ୍ଭୀର ହୋଇପଡିଛି। ଜରିନ ଯେଉଁ ବ୍ୟକ୍ତି ସେ ଜଣେ ଜଣାଶୁଣା ବ୍ୟବସାୟୀ ଏବଂ ସେ ୨୦୨୧ ପରଠାରୁ ଅଭିନେତ୍ରୀଙ୍କୁ ଡେଟ କରୁଥିଲେ। ବର୍ତ୍ତମାନ ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଛି ଯେ ପାରସ୍ପରିକ ସମ୍ମତି ସହିତ ଉଭୟ ନିଜ ସମ୍ପର୍କକୁ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁହେଁ ଏବେ ଅଲଗା ହୋଇ ନାହାଁନ୍ତି, ବରଂ ସେମାନଙ୍କର ବ୍ରେକଅପ୍ କିଛି ମାସ ପୂର୍ବରୁ ହୋଇଛି। ବର୍ତ୍ତମାନ ସେମାନଙ୍କ ନିକଟତର ବନ୍ଧୁ ଏହି ଖବରକୁ ନିଶ୍ଚିତ କରିଛନ୍ତି । କେବଳ ଏତିକି ନୁହେଁ, ବର୍ତ୍ତମାନ ସେମାନଙ୍କ ବ୍ରେକଅପ୍ ହେବାର କାରଣ ମଧ୍ୟ ପ୍ରକାଶ ପାଇଛି। କୁହାଯାଉଛି ଯେ ଜରିନ ଏବଂ ଶିବାଶିଷ ଦୁଇଜଣ ଭିନ୍ନ ଭିନ୍ନ ବ୍ୟକ୍ତି। ଉଭୟଙ୍କ ଗୁଣ ମଧ୍ୟ ବହୁତ ଭିନ୍ନ । ଏଭଳି ପରିସ୍ଥିତିରେ ସେମାନଙ୍କ ଅଲଗା ହେବା ପଛରେ ଅନେକ କାରଣ ଅଛି । ଉଭୟ ଇନଷ୍ଟାଗ୍ରାମରୁ ପରସ୍ପରକୁ ଅନଫଲୋ କରି ଦେଇଛନ୍ତି।

## କୋଲକାତା ଲଜ୍ଜା। ସନ୍ଦୀପଙ୍କୁ ବାଜିଲା ଶକ୍ତ ଚାପୁଡ଼ା

**କୋଲକାତା:** କୋଲକାତା ଆର୍‌ଜିକର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କୁ ମାଡ଼। ବାଜିଲା ଶକ୍ତ ଚାପୁଡ଼ା। ଭିଡ଼ ଭିତରେ ମାଡ଼ ମାରିଲେ ଲୋକେ। କୋର୍ଟରୁ ବାହାରକୁ ଆସିବା ବେଳେ ତାଙ୍କୁ ଜଣେ ବ୍ୟକ୍ତି ଶକ୍ତ ଚାପୁଡ଼ା

### ଫାଶୀ ଦିଆଯିବା ପାଇଁ ଉତ୍ତ୍ୟକ୍ତ ଲୋକଙ୍କ ନାରା

ମାରିଛନ୍ତି। ପୁଲିସ ସୁରକ୍ଷା ମଧ୍ୟରେ ଥିଲେ ମଧ୍ୟ ତାଙ୍କ ଉପରେ ହୋଇଛି ଆକ୍ରମଣ।

କୋଲକାତା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ସନ୍ଦୀପ ଘୋଷଙ୍କୁ ମଙ୍ଗଳବାର ସିବିଆଇ ଟିମ୍ ଗିରଫ କରିବା ପରେ ଆଲିପୁର କୋର୍ଟରେ ହାଜର କରିଥିଲା। ଏହି ସମୟରେ କୋର୍ଟ ବାହାରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା।



ତେବେ କୋର୍ଟରୁ ବାହାରକୁ ବାହାରିବା ପରେ ତାଙ୍କୁ ବିରୋଧ କରି ଉତ୍ତ୍ୟକ୍ତ ଲୋକେ ଘେରି ଯାଇଥିଲେ। ତାଙ୍କୁ ଫାଶୀ ଦିଆଯାଉ ବୋଲି ନାରା ଲଗାଇଥିଲେ। ଏହାରି ଭିତରେ ପୁଲିସ ସୁରକ୍ଷା ମଧ୍ୟରେ ଥିଲେ ମଧ୍ୟ ତାଙ୍କ ଉପରକୁ ଜଣେ ବ୍ୟକ୍ତି ଆକ୍ରମଣ କରି ତାଙ୍କୁ ଚାପୁଡା ମାରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ବାଜିଥିଲା। ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ଏହି ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଆର୍‌.ଜି. କର ମେଡିକାଲ କଲେଜ ଆର୍ଥିକ ଅନିୟମିତତା ମାମଲାରେ ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କୁ ସିବିଆଇ ଗିରଫ କରିବାର ଦିନକ ପରେ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ନିଲମ୍ବନ କରିଛି। ତାଙ୍କ ବିରୋଧରେ ଆପରାଧିକ ତଦନ୍ତ ଚାଲିଥିବାରୁ ପଶ୍ଚିମବଙ୍ଗ ସର୍ଭିସେସ (କ୍ଲାସିଫିକେଶନ, କଣ୍ଟ୍ରୋଲ ଆଣ୍ଡ ଅପିଲ) ରୁଲ୍ସ, ୧୯୭୧ର ରୁଲ ୯(୧ସି) ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଛି ।

ଗତ ମାସ ୯ ତାରିଖରେ ଉକ୍ତ ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ସନ୍ଦୀପଙ୍କୁ ପ୍ରିନ୍ସିପାଲ ପଦରୁ ହଟାଯାଇଥିଲା। ଏହାପରେ ତାଙ୍କୁ ତୁରନ୍ତ କୋଲକାତା ନ୍ୟାସନାଲ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସପାଲ ନିଯୁକ୍ତ କରାଯାଇଥିଲା। ଏହାକୁ ନେଇ ବିବାଦ ଜୋରଦାର ହେବାରୁ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ଛୁଟିରେ ପଠାଇ ଦିଆଯାଇଥିଲା। ଏହାପରେ ସିବିଆଇ ତାଙ୍କୁ ଅଟକ ରଖି ପ୍ରାୟ ୧୫ରୁ ଅଧିକ ଦିନ ହେବ ଜେରା କରିଥିଲେ ।

## ଏୟାର ଇଣ୍ଡିଆକୁ ବୋମା ଧମକ



**ବିଶାଖାପାଟଣା:** ଆତଙ୍କ ଖେଳାଇଛି ବୋମା ଧମକ। କେତେବେଳେ ସ୍କୁଲ ତ କେତେବେଳେ ହସ୍ପିଟାଲ ଆଉ କେତେବେଳେ ବିମାନରେ ବୋମା ଥିବାର ଆସୁଛି କଲ୍। ସେହିପରି ଏକ ବିମାନ ଦିଲ୍ଲୀରୁ ବିଶାଖାପାଟଣା ଯାଉଥିବା ବେଳେ ସେଥିରେ ବୋମା ରଖାଯାଇଥିବା ନେଇ ଧମକ ଆସିଛି। ବିମାନଟି ମଝି ଆକାଶରେ ଥିବା ବେଳେ ବୋମା ଥିବା ଖବର ପ୍ରଚାରିତ ହେବା ପରେ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ।

ବିଶାଖାପାଟଣା ଏୟାରପୋର୍ଟ ଡାଇରେକ୍ଟର ଏସ୍ ରାଜା ରେଡ୍ଡିଙ୍କ ସୂଚନା ଅନୁଯାୟୀ, ୧୦୭ ଯାତ୍ରୀଙ୍କୁ ନେଇ ବିମାନଟି ଦିଲ୍ଲୀରୁ ବିଶାଖାପାଟଣା ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ବିମାନଟି ମଝି ଆକାଶରେ ଥିବା ବେଳେ ସେଥିରେ ବୋମା ଥିବା ନେଇ ଦିଲ୍ଲୀ ପୁଲିସ୍ ପାଖକୁ ଏକ କଲ୍ ଆସିଥିଲା। ପୁଲିସ୍ ତୁରନ୍ତ ଏହି ଖବର ଏୟାରଲାଇନ୍ସ ଓ ବିଶାଖାପାଟଣା ଏୟାରପୋର୍ଟକୁ ଦେଇଥିଲା।

ଏହାପରେ ଏୟାରପୋର୍ଟ କର୍ତ୍ତୃପକ୍ଷ ତୁରନ୍ତ ବିମାନଟିକୁ ସୁରକ୍ଷିତ ଭାବେ ଅବତରଣ କରିଥିଲେ। ସଙ୍ଗେସଙ୍ଗେ ସମସ୍ତ ଯାତ୍ରୀଙ୍କୁ ବାହାର କରି ବିମାନଟିକୁ ତନ ତନ କରି ଯାଞ୍ଚ କରାଯାଇଥିଲା। ମାତ୍ର ବିମାନରୁ କୌଣସି ବମ୍ ମିଳି ନ ଥିଲା। ଏହାପରେ ବିମାନଟି ଗତ ରାତିରେ ଲକ୍ଷ୍ୟ ସ୍ଥଳ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା ।

## ଆଜି ମିଳିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**କେନ୍ଦ୍ରାପଡ଼ା:** ରାଜ୍ୟ ସରକାରଙ୍କମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ତରଫରୁ ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପାଇଁ ବ୍ୟବସ୍ଥା କରାଯାଇଛି ଓ ଏହି ଉପଲକ୍ଷେ ଆସନ୍ତା ସେପ୍ଟେମ୍ବର ୫ତାରିଖ ୨୦୨୪ରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ପବିତ୍ର ଗୁରୁଦିବସରେ ଆମ ଜିଲ୍ଲାର ୯ଟି ବ୍ଲକରୁ ୧୦୫୪ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରାଯିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ପ୍ରେରଣା ଯୋଗାଇବା ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରିବା ହେଉଛି ଏହି ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଜିଲ୍ଲାପାଳ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହାର ସଫଳ ରୂପାୟନ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ହୋଇସାରିଛି ଓ ସମସ୍ତ ବ୍ଲକରୁ ପିଲାମାନଙ୍କୁ ନେବା ଆଣିବା ପାଇଁ ବସର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଓ ପିଲାମାନେ ସକାଳ ୬.୩୦ମିନିଟରୁ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ବ୍ଲକରୁ ବାହାରି ସକାଳ ଘ.୮.୦୦ରୁ ଘ.୮.୧୫ ମିନିଟ ମଧ୍ୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ପହଁଚିବେ ଓ ପିଲାମାନେ ଯେପରି କଲେଜ ପଡିଆରେ ଠିକ ସମୟରେ ପହଂଚି ପାରିବେ ସେଥି ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଓ ସଭାସ୍ଥଳୀରେ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ଟେଂଟ, ଚେୟାର, ଟିଫିନ, ମଧ୍ୟାହ୍ନ ଭୋଜନ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ।

## ନିଜ ଘରେ କଳାକନା ବୁଲାଇଦେଲା ଝିଅ

**ମୁମ୍ବାଇ:** ନିଜ ଘରେ କଳାକନା ବୁଲାଇଦେଲା ଝିଅ। ଘରୁ ୨୨ ଲକ୍ଷ ଟଙ୍କା ଓ ସୁନାଗହଣା ନେଇ ହୋଇଗଲା ଫେରାର । ଏପରି କାରନାମାରେ ଚକିତ ବାପା ଥାନାରେ କଲେ ନିଜ ଝିଅ ନାଁରେ ଅଭିଯୋଗ । ଫଳରେ ପୁଲିସ୍ ଘଟଣାର ତଦନ୍ତ କରି ଅଭିଯୁକ୍ତାଙ୍କୁ ବାନ୍ଧିଛି।

ଏପରି ଏକ ଆଶ୍ଚର୍ଯ୍ୟ କରିବା ପରି ଘଟଣା ମୁମ୍ବାଇରେ ଘଟିଛି। ଅଭିଯୋଗକାରୀ ଦିନେଶ

### ବାନ୍ଧିଲା ପୁଲିସ୍

ଦ୍ୱିବେଦୀ ଏକ ଛୋଟ ଦୋକାନ କରିଥିବା ବେଳେ ସେଥିରୁ ପରିବାର ପୋଷନ୍ତି। ପ୍ରାୟ ୬ ବର୍ଷ ତଳେ ସେ ନିଜ ପୁଅ ବିବାହ ପାଇଁ ୨୨ ଲକ୍ଷ ଟଙ୍କା ଓ କିଛି ସୁନା ଗହଣା କିଣିଥିଲେ। ଉକ୍ତ ସୁନାଗହଣାକୁ ରଖିବାକୁ ସେ ନିଜ ଝିଅ ଆରତୀଙ୍କୁ ଦେଇଥିଲେ।



ମାତ୍ର ଇତି ମଧ୍ୟରେ ଆରତୀ ଜଣେ ଯୁବକଙ୍କୁ ଗୁପ୍ତ ବିବାହ କରିଥିବା ବେଳେ ଘରେ କିଛି ଜଣାଇ ନ ଥିଲେ। ଏହାପରେ ମଝିରେ ହଠାତ୍ ଝିଅ ଘରୁ ଗାଏବ ହୋଇଗଲେ। ପରିବାର ଲୋକେ ଖୋଜି ଖୋଜି ବି ତାଙ୍କ ପତ୍ତା ପାଇ ନ ଥିଲେ। ଏହାପରେ ସେମାନେ ଘରେ ସୁନାଗହଣା ଖୋଜିଥିବା ବେଳେ ତାହା ବି ନ ଥିଲା।

ଏନେଇ ଦିନେଶ ଦ୍ୱିବେଦୀ ନିଜ ଝିଅଙ୍କ ନାଁରେ ଅଭିଯୋଗ କରିଥିଲେ। ପୁଲିସ୍‌ଘଟଣାର ଖୋଳତାଡ଼ କରି ଅଭିଯୁକ୍ତା ଆରତୀଙ୍କୁ ଗିରଫ କରିଛି। ଏହାପରେ ପଚରାଉଚରା କରିବାରୁ ସେ ପୂର୍ବରୁ ବିବାହ କରି ସାରିଥିବା ବେଳେ ଘରୁ ସୁନାଗହଣା ଓ ଟଙ୍କା ନେଇ ଫେରାର ହୋଇ ଯାଇଥିବା ସ୍ୱୀକାର କରିଥିଲେ। ଘଟଣାର ଖୋଲତାଡ଼ ପରେ ପୁଲିସ୍ ଆରତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ମୋମୋ ଦୋକାନୀଙ୍କୁ ଛୁରୀ ଭୁଷିଦେଲେ ନାବାଳକ

**ନୂଆଦିଲ୍ଲୀ:** ‘ମାସେ ତଳେ ମୁଁ ହୋଇ ଯାଇଥିଲି ମା’ ଛେଉଣ୍ଡ। ମୋ’ ମୁଣ୍ଡ ଉପରୁ ଉଠିଗଲା ମା’ର ସ୍ନେହବୋଳା ହାତ । ଆଉ ଯିଏ ମୋ’ ମା’କୁ ଆର ପାରିକୁ ପଠାଇଥିଲା, ମୁଁ ବି ତାର ସମଦଶା କରିଛି।’ ଜଣେ ୧୫ ବର୍ଷୀୟ ନାବାଳକ ପୁଲିସ୍ ସମ୍ମୁଖରେ ନିଜ

### କହିଲେ- ମା’ ହତ୍ୟାର ପ୍ରତିଶୋଧ ନେଲି

ଅପରାଧକୁ ସ୍ୱୀକାର କରିବା ସହ ବଖାଣିଛି ଏପରି ଛାତିଥରା ଘଟଣା ।

ଏପରି ଏକ ଘଟଣା ପୂର୍ବ ଦିଲ୍ଲୀର ପ୍ରୀତ ବିହାରରେ ଘଟିଛି। ଜଣେ ୩୫ ବର୍ଷୀୟ ମୋମୋ ବିକ୍ରେତା କପିଳଙ୍କ ହତ୍ୟା ମାମଲାରେ ପୁଲିସ୍ ଜଣେ ୧୫ ବର୍ଷୀୟ



ନାବାଳକକୁ ବାନ୍ଧିଛି। ଏହାପରେ ନାବାଳକଜଣକ ପୁଲିସ୍ ଆଗରେ ବଖାଣିଛନ୍ତି ହତ୍ୟା ପଛର କାରଣ ।

ନାବାଳକଙ୍କ ସୂଚନା ଅନୁଯାୟୀ, ସେ ଓ ତାଙ୍କ ମା’ ଉକ୍ତ ମୋମୋ ଦୋକାନରେ କାମ କରୁଥିଲେ। ଉଭୟ ମା’ପୁଅଙ୍କୁ କପିଳ ସବୁବେଳେ ହଇରାଣ କରୁଥିଲେ। ଏହାପରେ ନାବାଳକଙ୍କ ମା’ଙ୍କର ବିଦ୍ୟୁତ୍ କରେଣ୍ଟ ଲାଗି ମୃତ୍ୟୁ ହୋଇଥିଲା। ମାତ୍ର ଏହା ପଛରେ କପିଳଙ୍କ ହାତ ଥିବା ନାବାଳକଜଣକ ସନ୍ଦେହ କରିଥିଲେ।

ଏହାର ପ୍ରତିଶୋଧ ନେବାକୁ ସେ ସୁଯୋଗ ଅପେକ୍ଷାରେ ଥିଲେ। ଗତକାଲି କପିଳଙ୍କୁ ନାବାଳକଜଣକ ଛୁରୀ ଭୁଷିଥିବା ନେଇ ପୁଲିସ୍‌କୁ ସୂଚନା ମିଳିଥିଲା। ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ।

ଏହି ଘଟଣାରେ ପୁଲିସ୍ ନାବାଳକଙ୍କୁ ପଚରାଉଚରା କରିଥିବା ବେଳେ ସେ ସବୁ କଥା ପୁଲିସ୍ ଆଗରେ ବଖାଣିଛନ୍ତି। ଏହି ଘଟଣାରେ ବ୍ୟବହୃତ ଛୁରୀକୁ ପୁଲିସ୍ ଜବତ କରିଛି ।

## ୟୁଥ ଲିଡ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ପୁରୁଣା ମେଡିକାଲ ପରିସରରେ ୟୁଥ ଲିଡ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡେରାବିଶ ଅଂଚଳର ଯୁବ ସେଚ୍ଛାସେବୀ ରାକେଶ ଭୋଳ ନିଜର ଜନ୍ମଦିନରେ ରକ୍ତଦାନ କରି ପାଳନ କରିଛନ୍ତି। ୨୫ ବର୍ଷିୟ ରାକେଶ ପ୍ରାୟ ୧୭ ଥର ରକ୍ତଦାନ କରି ଯୁବ ସମାଜକୁ ଉତ୍ସାହିତ କରୁଛନ୍ତି । ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ଚାରା ବର୍ଣ୍ଟନ କରାଯାଇ ଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ସେବା ସମିତିର ସଭାପତି ମନୋଜ ନାୟକଙ୍କ ସହ ଦମନ ମହାନ୍ତି, ଶିବାଶିଷ ମହାନ୍ତି, ସ୍ୱାତୀ ପ୍ରତିକ୍ଷା, ଶପଥ ବରାଳ ପ୍ରମୁଖ ରକ୍ତଦାନ ରେ ସହଯୋଗ କରିଥିଲେ।

■ ଚୀନ୍‌ରେ ଭୟଙ୍କର ଦୁର୍ଘଟଣା

## ପିଲାଙ୍କ ଉପରେ ମାଡିଗଲା ସ୍କୁଲ ବସ୍, ୧୧ ମୃତ

**ବେଜିଂ:** ପୂର୍ବ ଚୀନରେ ଭୟଙ୍କର ଦୁର୍ଘଟଣା । ସ୍କୁଲ ପିଡା ଏବଂ ସେମାନଙ୍କ ପିତାମାତାଙ୍କୁ ଧକ୍କା ଦେଇଛି । ଯେଉଁଥିରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି । ସେପଟେ ୧୩ ଜଣ ଆହତ ହୋଇଛନ୍ତି। ଏହି ଦୁଃଖଦ ଘଟଣା ସ୍କୁଲ ବାହାରେ ଦେଖିବାକୁ ମିଳିଥିଲା । ସେମାନେ ନିଜ ପିଲାମାନଙ୍କୁ ନେବା ପାଇଁ ଠିଆ ହୋଇଥିଲେ ସେହି ସମୟରେ ଏକ ସ୍କୁଲ ବସ୍ ମାଡ଼ିଯାଇଛି। ଏନେଇ ପୋଲିସ ଏହି ସୂଚନା ଦେଇଛି। ପୋଲିସ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାରେ କରି କହିଛି ଯେ ଛାତ୍ର ଓ ଅଭିଭାବକମାନେ ପୂର୍ବ ତାଇୟାନ ସହରର ଏକ ବିଦ୍ୟାଳୟର ମୁଖ୍ୟ ଫାଟକରେ ଠିଆ ହୋଇଥିଲେ ।ସେହି ସମୟରେ ବସ୍ ନିୟନ୍ତ୍ରଣ ହରାଇ ସ୍କୁଲ ଗେଟ ଫଟକୁ ମାଡି ଯାଇଥିଲା । ଯେଉଁଥିରେ ୬ଜଣ ଅଭିଭାବକ ଏବଂ ପାଞ୍ଚ ଜଣ ପିଲାଙ୍କର ମୃତ୍ୟୁ ଘଟିଛି । ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟମାନଙ୍କର ଅବସ୍ଥା ସ୍ଥିର ଥିବା ନେଇ ଜଣାପଡିଛି । ବିଭାଗ କହିଛି ଯେ ବସ୍ ଡ୍ରାଇଭର ପୋଲିସ ହେପାଜତରେ ଅଛି ଏବଂ ଘଟଣାର ତଦନ୍ତ ଜାରି ରହିଛି।




## ଆଉ ପିନ୍ଧିବାକୁ ପଡ଼ିବନି ଚଷମା — ଆଇ ଡ୍ରପ୍‌କୁ ଭାରତରେ ମିଳିଲା ଅନୁମତି

**ଅକ୍ଟୋବର ପ୍ରଥମ ସପ୍ତାହରୁ ଏହା ବଜାରରେ ଉପଲବ୍ଧ ହେବ। ଡାକ୍ତରଙ୍କ ପ୍ରେସକ୍ରିପସନ ଆଧାରରେ ଲୋକଙ୍କ ପାଇଁ ଔଷଧ ଦୋକାନରେ ମିଳିବ। ଏହି ଆଇ ଡ୍ରପ୍‌ର ଦାମ ୩୫୦ ଟଙ୍କା ରହିବ।**

**ନୂଆଦିଲ୍ଲୀ:** ବୟସ ଅଧିକ ହେବା ପରେ ପଢ଼ାପଢ଼ିରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ? ପଢ଼ିବା ପାଇଁ ଆପଣଙ୍କୁ ରିଡିଂ ଗ୍ଲାସ ବା ଚଷମା ବ୍ୟବହାର କରିବାକୁ ପଡୁଛି କି ? ତା’ହେଲେ ଆଉ ଆପଣଙ୍କୁ ଚଷମା ପିନ୍ଧିବାକୁ ପଡ଼ିବ ନାହିଁ। କାରଣ ଏହି ସମସ୍ୟାକୁ ଦୂର କରିବା ପାଇଁ ଆସିଯାଇଛି ସ୍ୱତନ୍ତ୍ର ଆଇ ଡ୍ରପ। ଏହି ଆଇ ଡ୍ରପ୍ ଚଷମାର ସ୍ଥାନ ନେବ। ଆଜି ଉକ୍ତ ଆଇ ଡ୍ରପ୍‌କୁ ଭାରତ ସରକାରଙ୍କ ଡିସିଜିଆଇ ବ୍ୟବହାର ପାଇଁ ଅନୁମତି ଦେଇଛି।

ମୁମ୍ବାଇ ଭିତ୍ତିକ ରଭସ୍ପକ୍ଷ୍ୟ ଫାର୍ମାସିଟ୍ୟୁକାଲ୍ସ ପକ୍ଷରୁ ବିକଶିତ କରାଯାଇଛି। ଏହାର ନାଁ PresVu Eye Drops ରହିଛି। ଏହାକୁ Presbyopia ସମସ୍ୟାର ଚିକିତ୍ସା ପାଇଁ ବ୍ୟବହାର କରାଯିବ। ଅର୍ଥାତ ପଢ଼ିବା ପାଇଁ ବ୍ୟବହାର ହେଉଥିବା ଚଷମା ବଦଳରେ ଏହି ଆଇ ଡ୍ରପକୁ ବ୍ୟବହାର କରାଯାଇ ପାରିବ। ଏହି ସମସ୍ୟାରେ ପୂରା ବିଶ୍ୱରେ ୧୦୯ କୋଟିରୁ ୧୮୦ କୋଟି ଲୋକ ପୀଡ଼ିତ।

Presbyopia ସାଧାରଣତଃ ବୟସ




ବଢ଼ିବା ସହ ସୃଷ୍ଟି ହୋଇଥାଏ। ଏଥିଯୋଗୁ ପାଖ ଜିନିଷରେ ଫୋକସ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ସମସ୍ୟା ପ୍ରାୟ ୪୦ରୁ ବର୍ଷରୁ ଆରମ୍ଭ ହୋଇ ୬୦ ବର୍ଷ ଅତିକ୍ରମ କରିବା ଯାଏ ରହିଥାଏ।

ତେବେ ପଢ଼ାପଢ଼ି ସମସ୍ୟାକୁ ଦୂର କରିବା ପାଇଁ ENTOD ଫାର୍ମାସିଟ୍ୟୁକାଲ୍ସ ତିଆରି କରିଥିବା ଆଇ ଡ୍ରପକୁ ଡିସିଜିଆଇ ଅନୁମତି ଦେଇଛି। କୁହାଯାଉଛି ଯେ ଚକ୍ଷୁରୋଗଙ୍କ ଭାରତର ପ୍ରଥମ ଆଇ ଡ୍ରପ୍ ଯାହା ଚଷମା ବ୍ୟବହାରର ଆବଶ୍ୟକତାକୁ ହ୍ରାସ କରିବ।

ଅକ୍ଟୋବର ପ୍ରଥମ ସପ୍ତାହରୁ ଏହା ବଜାରରେ ଉପଲବ୍ଧ ହେବ। ଡାକ୍ତରଙ୍କ ପ୍ରେସକ୍ରିପସନ ଆଧାରରେ ଲୋକଙ୍କ ପାଇଁ ଔଷଧ ଦୋକାନରେ ମିଳିବ। ଏହି ଆଇ ଡ୍ରପ୍‌ର ଦାମ ୩୫୦ ଟଙ୍କା ରହିବ।

ସ୍ୱଳ୍ପରୁ ମଧ୍ୟମ ଧରଣର Presbyopiae ସମ୍ମୁଖୀନ ହେଉଥିବା ବ୍ୟକ୍ତିବିଶେଷଙ୍କୁ ଏହା ଫାଇଦା ଦେବ। ୪୦ରୁ ୫୫ ବର୍ଷ ବୟସ ମଧ୍ୟରେ ଥିବା ଲୋକମାନେ ଆଇ ଡ୍ରପ୍‌ରୁ ଲାଭ ପାଇପାରିବେ ବୋଲି କମ୍ପାନୀ କହିଛି।

## ରାଶିଫଳ

**ମେଷ:** ତୃତୀୟଚନ୍ଦ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ସାହାଯ୍ୟ, ସହଯୋଗ ମିଳିବ । ସୁଖବର, ସୁସମ୍ବାଦ ପ୍ରାପ୍ତିହେବ ଏବଂ ସମସ୍ତକର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ।

**ବୃଷ :** କୃଷ୍ଣ ପକ୍ଷର ଦ୍ୱିତୀୟଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର କଲା ବେଳେ ସତର୍କ ହେବେ । ଧନକୁ ନେଇ ବିବାଦ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ଅସମର୍ଥ ହେବେ ।

**ମିଥୁନ :** ଶ୍ରୀଚନ୍ଦ୍ର, ଶୁକ୍ରବାର ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତିହେବ । ଆମୋଦ ପ୍ରମୋଦ ଏବଂ ମଉଜମଜଲିସ୍‌ରେ ଅଧିକ ଆଗ୍ରହ ରହିବ ।

**କର୍କଟ :** ଦ୍ୱାଦଶଚନ୍ଦ୍ର ଯୋଗୁ ମନରୁ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ଲୋପ ପାଇବ ଏବଂ ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚ ଭାର ଅପେକ୍ଷାକୃତ କମ୍‌ରହିବ । କୁସଙ୍ଗ ପରିତ୍ୟାଗ କରି ସତ୍‌ସଙ୍ଗ କରିବେ ଏବଂ ଅନୁଚିତ୍ କର୍ମରୁ ବିଚ୍ୟୁତ ହୋଇ ଉଚିତ୍‌କର୍ମରେ ମନୋନିବେଶ କରିବେ ।

**ସିଂହ :** ଏକାଦଶ ଚନ୍ଦ୍ର ଯୋଗୁ ଆୟର ମାର୍ଗ ଅତି ଉତ୍ତମ ରହିବ ଏବଂ ନୂତନ ଆୟର ପନ୍ଥା ଖୋଲିବ । ଅନ୍ୟକୁ ଦେଇଥିବା ଧନ ଆଦାୟ ହେବ ଏବଂ ବକେୟା ଧନ ଆଦାୟ ହେବାରେ ସମୟ ସହାୟକ ହେବ । ନୂତନ ଭୂମି, ଯାନବାହନ କ୍ରୟକରିବେ ।

**କନ୍ୟା :** ଘାତଚନ୍ଦ୍ର, ଘାତତିଥି ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ବାଦବିବାଦ, ସ୍ୱାସ୍ଥ୍ୟ, ଯାନବାହନ ଆରୋହଣ ଏବଂ ଯେକୌଣସି କର୍ମକରିବା ପୂର୍ବରୁ ସତର୍କ ହେବେ । ଉଚିତ୍‌କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଆଗ୍ରହ ରଖିବେ ।

**ତୁଳା:** କୃଷ୍ଣପକ୍ଷର ନବମ ଚନ୍ଦ୍ର ଯୋଗୁ ମାନସମ୍ମାନ, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର, ନିଜର ପ୍ରିୟବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ମନ ଅସ୍ଥିର ରହିବ ଏବଂ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ।

**ବିଛା :** ଅଷ୍ଟମଚନ୍ଦ୍ର, ସକାଳ ୬ଟା ୩୫ ମିନିଟ୍ ପରେ ଅଷ୍ଟମୀତିଥି ଏବଂ ଘାତବାର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଧନ କ୍ଷତି, ମାନସିକ ଅସ୍ଥିରତା ଏବଂ ଶାରୀରିକ ପୀଡ଼ା ଭୋଗିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟତୁଳନାରେ ବଦଖର୍ଚ୍ଚ ଅଧିକ ହେବ ।

**ଧନୁ :** ଘାତବାର ଏବଂ ସପ୍ତମଚନ୍ଦ୍ର ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ । ମୂଲ୍ୟବାନ ଧାତୁ, ବସନଭୂଷଣ ଏବଂ ଘରୋଇ ଉପକରଣ କ୍ରୟ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟଉତ୍ତମ ହେବ ।

**ମକର :** ଷଷ୍ଠଚନ୍ଦ୍ର, ଛଅ ତାରିଖ, ଅଷ୍ଟମୀତିଥି ଏବଂ ଶୁକ୍ରବାର ଯୋଗୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କ ସହବନ୍ଧୁତା ଏବଂ ସମସ୍ତକର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ ।

**କୁମ୍ଭ :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ଘାତ ନକ୍ଷତ୍ରଯୋଗୁ ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଏବଂ ଦୂରଦୃଷ୍ଟି ଲୋପ୍ ପାଇବ । ମନ ବିଷାଦଗ୍ରସ୍ତ, ଚାପଗ୍ରସ୍ତ ରହିବ ।

**ମୀନ :** ଚତୁର୍ଥ ଚନ୍ଦ୍ର, ଘାତବାରଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ଅସ୍ଥିର ରହିବ ଏବଂ ନିଜର ଲୋକଙ୍କ ସହ ବିବାଦ କିମ୍ବା ମତାନ୍ତର ହୋଇପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ନୂତନ ପରିବହନ ବ୍ୟବସାୟର ସୁଯୋଗ ଜୁଟିବ ।କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପା ଲାଭ କରିବେ ।

# ମାତୃଭାଷା

କଟକ, ଗୁରୁବାର, ସେପ୍ଟେମ୍ବର-୫, ୨୦୨୪ ପୃଷ୍ଠା:୪


## କେବଳ ଆଇନ ଆଣିଲେ ହେବନାହିଁ - ଠିକ୍ ଭାବେ ଅନୁପାଳନ ହେବା ଆବଶ୍ୟକ

ମହିଳା ବିରୋଧୀ ଅପରାଧିକ ମାମଲା ବୃଦ୍ଧି ପାଇବା ମଧ୍ୟରେ ଐତିହାସିକ ପଦକ୍ଷେପ ନେଇଛନ୍ତି ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର । ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ନିର୍ଯାତନା ଓ ହତ୍ୟା ଭଳି ପାଶବୀୟ ଅପରାଧକୁ ରୋକିବା ପାଇଁ ଆଜି ବେଙ୍ଗଲ ବିଧାନସଭାରେ ପାରିତ ହୋଇଛି ଦୁଷ୍କର୍ମ ବିରୋଧୀ ବିଲ୍, ଯାହାର ନାଁ 'ଅପରାଜିତା' ରଖାଯାଇଛି ।ବିଧାନସଭାରେ ଏହି ବିଲ୍ ପାରିତ ହେବା ପରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହେବ । ବିଲ୍ ଆଇନରେ ପରିଣତ ହେଲେ ରାଜ୍ୟରେ ଦୁଷ୍କର୍ମ ଓ ହତ୍ୟା ମାମଲାର ବିଚାର ୨୧ ଦିନ ମଧ୍ୟରେ ଶେଷ ହେବ ଏବଂ ଦୋଷୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବ । ତେବେ ପ୍ରଶ୍ନ ହେଉଛି ଯେ ଏ ଭଳି ବିଲ୍ ଆଗରୁ କାହିଁକି ଅଣାଯାଇନଥିଲା ଏବଂ ବିଲ୍ ଆଇନରେ ପରିଣତ ହେବାପରେ ବି ଏହା ଏଭଳି ଦୁଷ୍କର୍ମ ସବୁ ରୋକିବାରେ ସକ୍ଷମ ହେବ କି ?

ଏଠାରେ ଏହା ସୂଚନାଯୋଗ୍ୟ ଯେ କୋଲକାତା ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣା ଏବଂ ବଦଲାପୁରରେ ଶିଶୁ ଯୌନ ଉତ୍ପୀଡ଼ନକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି । ଦିନକୁ ଦିନ ଦେଶରେ ବଢ଼ି ଚାଲିଥିବା ମହିଳା ବିରୋଧୀ ହିଂସା ଓ କୁକର୍ମକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦବେଗ ପ୍ରକାଶ କରିଛନ୍ତି ।

ଏକବିଂଶ ଶତାବ୍ଦୀର ସଭ୍ୟ ସମାଜରେ ଏଭଳି ଘଟଣା ନୈତିକ ଅଧୋପତନ ଦିଗକୁ ଇଙ୍ଗିତ କରୁଛି । ଏହି ଅପରାଧର କାରଣ ବିଷୟରେ ଚର୍ଚ୍ଚା କଲାବେଳେ ମଧ୍ୟ ଅନେକ ବିଷୟ ସାମ୍ନାକୁ ଆସୁଛି । ସେଥିମଧ୍ୟରୁ ସବୁଠାରୁ ଚର୍ଚ୍ଚିତ ବିଷୟ ହେଉଛି ଏଭଳି ସବୁ ଦୁଷ୍କର୍ମ ରୋକିବା ଲାଗି ସମଗ୍ର ଦେଶରେ ଏକ ପ୍ରଭାବଶାଳୀ କଠୋର ଆଇନ ପ୍ରଣୟନର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ ଯେ ଆମ ଦେଶରେ ଆଇନ ନାହିଁ ତା' ନୁହେଁ । କିନ୍ତୁ ସେଥିରେ ଥିବା ଗଳାବାଟ ଦେଇ ଅନେକ ଅପରାଧୀ ଖସି ଯାଉଛନ୍ତି । ଏହାଛଡ଼ା ଆଇନର ଅନୁପାଳନ ନ ହେବା ମଧ୍ୟ ଚିନ୍ତାର ବିଷୟ । ପୁଣି ଯେଉଁଠାରେ ଖୋଦ୍ ? ଆଇନ ପ୍ରଣୟନକାରୀଙ୍କ ମଧ୍ୟରେ ଅନେକେ ଏଭଳି ଅପରାଧରେ ଅଭିଯୁକ୍ତ , ସେତେବେଳେ ଜନସାଧାରଣ ଅଧିକ କ'ଣ ଆଶା କରିବେ ? ଆଇନର ରୂପାୟନ କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ।

ନିର୍ବାଚନ ପୂର୍ବରୁ ଘୋଷିତ ସାଂସଦ-ବିଧାୟକଙ୍କ ସତ୍ୟପାଠର ବିଶ୍ଳେଷଣ କରି 'ଏଡିଆର' ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶର ୧୬ ସାଂସଦ ଓ ୧୩୫ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ହିଂସା ମାମଲା ରହିଛି । ପଶ୍ଚିମବଙ୍ଗର ସର୍ବାଧିକ ସାଂସଦ ଓ ବିଧାୟକଙ୍କ ବିରୋଧରେ ଏହି ମାମଲା ରହିଛି । ଏହି ତଥ୍ୟ ନିଶ୍ଚିତ ଚିନ୍ତାର ବିଷୟ । ଲୋକପ୍ରିୟତାର ଶୀର୍ଷକୁ ଛୁଇଁଥିବା ରାଜନୈତିକ ଦଳମାନେ ଚାହିଁଲେ ଅପରାଧିକ ଭିତ୍ତିଭୂମି ଥିବା ଲୋକଙ୍କୁ ଟିକେଟ ମିଳନ୍ତା ନାହିଁ । ମାତ୍ର ପରିତାପର ବିଷୟ ଯେ ଦଳଗୁଡ଼ିକ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି । ଏଭଳି ବ୍ୟକ୍ତି ଆଇନ ପ୍ରଣୟନ କରିବା ପାଇଁ ନିର୍ବାଚିତ ହେଲେ ସତରେ କ'ଣ ଭଲ ଆଇନ ଆସିପାରିବ ? ରାଷ୍ଟ୍ରପତି ଏ ଦିଗରେ ରାଜନୈତିକ ଦଳଙ୍କୁ ପରାମର୍ଶ ଦେଲେ ଭଲ ହୁଅନ୍ତା । ଅପରାଧିକ ମାମଲା ଥିଲେ ଜଣେ ସରକାରୀ ଚାକିରୀ କରିପାରିବନାହି । କିନ୍ତୁ ଗୁରୁତର ଅପରାଧିକ ଭିତ୍ତିଭୂମିରୁ ଆସୁଥିବା ଲୋକ କେମିତି ଭାରତର ଗଣତନ୍ତ୍ରର ମନ୍ଦିରକୁ ନିର୍ବାଚିତ ହେଉଛି ? ଏ ଦିଗରେ ଜନତା ମଧ୍ୟ ନିଜକୁ ପ୍ରଶ୍ନ ପଚାରିବା ଉଚିତ୍ ? । ଉତ୍ତମ ବ୍ୟକ୍ତିଙ୍କୁ ନିର୍ବାଚିତ କଲେ ହିଁ ଉତ୍ତମ ଶାସନ ପାଇବେ , ଏକଥା ଲୋକେ ନ ହେଜିବା ପର୍ଯ୍ୟନ୍ତ ଆଇନ ଶୃଙ୍ଖଳାରେ ଉନ୍ନତି ଆସିବ ନାହିଁ ।

ହୁଏତ ଅନେକ ଜାଣି ନ ଥିବେ ଚମ୍ପା ବିଶ୍ୱାସଙ୍କ ବିଷୟରେ । ସେ ଥିଲେ ବିହାରର ବରିଷ୍ଠ ଆଇଏଏସ ଅଧିକାରୀ ବି, ବି, ବିଶ୍ୱାସଙ୍କ ପତ୍ନୀ । ସେ ସମୟରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଦଳର ଜଣେ ବିଧାୟକଙ୍କ ପୁଅର ନଜର ଚମ୍ପାଙ୍କ ଉପରେ ପଡ଼ିଥିଲା । ସେ ନିଜ ବନ୍ଧୁମାନଙ୍କ ସହ ମିଶି ଚମ୍ପାଙ୍କୁ ଦୁଷ୍କର୍ମ କରିଚାଲିଲା । ଏଥିଯୋଗୁଁ ଚମ୍ପା ଗର୍ଭପାତ କରିବାକୁ ବାଧ୍ୟ ହୋଇଥିଲେ । ବାରମ୍ବାର ଏପରି ହେବାରୁ ଶେଷରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଇ ଥିଲେ । ଜଣେ ବରିଷ୍ଠ ଆଇଏଏସ ହୋଇ ମଧ୍ୟ ବି ବି ବିଶ୍ୱାସ ତାଙ୍କ ସ୍ତ୍ରୀଙ୍କୁ ରାଜନେତାଙ୍କଠାରୁ ସୁରକ୍ଷା ଦେଇ ପାରିଲେନାହିଁ । ଶେଷରେ ପ୍ରତିବାଦ କରି ନ୍ୟାୟ ପାଇବା ପାଇଁ ପଦକ୍ଷେପ ନେବାରୁ ବିଶ୍ୱାସଙ୍କୁ ନାହିଁ ନଥିବା ହଇରାଣ ହେବାକୁ ପଡ଼ିଥିଲା । ପରିସ୍ଥିତି ଏପରି ହେଲା ଯେ ଚିକିତ୍ସା କରିବାକୁ ପତିପତ୍ନୀଙ୍କ ପାଖରେ ଟଙ୍କା ନ ଥିଲା । ଶେଷରେ ଚିକିତ୍ସା ହୋଇ ନ ପାରି ପ୍ରାଣ ହରାଇ ଥିଲେ । କେବଳ ଚମ୍ପା ନୁହନ୍ତି, ଉକ୍ତ ଆଇଏଏସ ଅଫିସରଙ୍କ ଶାଶୁ, ଶାଳୀ, ୨ଜଣ ଚାକରାଣୀ ଏବଂ ଝିଆରୀ ମଧ୍ୟ ଅପରାଧୀଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ? ପଡ଼ି ନଥିଲେ । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ନୈତିକତାସମ୍ପନ୍ନ ନେତା ଜନପ୍ରତିନିଧି ରୂପେ ନିର୍ବାଚିତ ହୋଇଥାଆନ୍ତେ, ତେବେ ଏଭଳି ଅମାନୁଷିକ ଘଟଣା ଘଟି ଥାଆନ୍ତା କି ?

ଏବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହିଳା ବିରୋଧୀ ହିଂସା ଓ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ 'ଅପରାଜିତା' ନାମରେ କଠୋର ଆଇନ ଆଣିଛନ୍ତି । ଯଦି ଏହି ଆଇନ ପୂର୍ବରୁ ଆଣିବାକୁ ଚିନ୍ତା କରାଯାଇଥାଆନ୍ତା ତେବେ କୋଲକାତା ଆର ଜି କର ଡାକ୍ତରଖାନାରେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଭଳି ଘଟଣା ଦେଖିବାକୁ ମିଳି ନ ଥାଆନ୍ତା । କିଛି ମାସ ତଳେ ବିହାର ସରକାର ଆଉ ଏକ ବିପଜ୍ଜନକ ପଦକ୍ଷେପ ନେଇ ଆଇଏଏସ୍ ଜି କୃଷ୍ଣୟାଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ଜନୈକ ରାଜନେତାଙ୍କୁ ଜେଲରୁ ମୁକ୍ତ କରିଥିଲେ । ଆହୁରି ବିଡ଼ମ୍ବନା ହେଉଛି ହତ୍ୟାକାରୀକୁ ଜନତା ଯାଇ ପାଛୋଟି ଆଣିଥିଲେ । ଏହି ନିଷ୍ପତ୍ତି ବିରୋଧରେ ଆଇଏଏସଙ୍କ ପତ୍ନୀ ସୁପ୍ରିମକୋର୍ଟ ଯାଇଛନ୍ତି । ନ୍ୟାୟ ଭିକ୍ଷା କରିଛନ୍ତି । ଏବେ ମାମଲା ବିଚାରାଧୀନ ରହିଛି । ଆଇଏଏସ୍ ସଂଘ ଏହି ମାମଲାରେ ଖାଲି ନିନ୍ଦା କରି ଚୁପ୍ ରହିଗଲା, ଯାହା ଅତ୍ୟନ୍ତ ଦୁଃଖର ବିଷୟ ।

ଏପରି ଆହୁରି ଅନେକ ଉଦାହରଣ ଅଛି । ତେଣୁ ଅତି କଠୋରତମ ଆଇନ ଆଣିଲେ ଯାଇ ଏଭଳି ଅପରାଧକୁ ନିୟନ୍ତ୍ରଣ କରାଯାଇପାରିବ । କିନ୍ତୁ ଏଥିପାଇଁ ପ୍ରଥମେ ସ୍ୱଚ୍ଛ ଭାବମୂର୍ତ୍ତି ଥିବା ନେତା ନିର୍ବାଚିତ ହେବା ଉଚିତ୍ । ନଚେତ ଆଇନ ଥିବ କିନ୍ତୁ ଅନୁପାଳନ ହେଉନଥିବ । ତେବେ ଏ ଆଇନ ଥାଇ କରି ନଥିବା ସହିତ ସମାନ ।ରାଜନୈତିକ ଦଳଗୁଡ଼ିକ ଅପରାଧିକ ଭିତ୍ତିଭୂମି ଥିବା ନେତାଙ୍କୁ ନିର୍ବାଚନରୁ ଦୂରେଇ ରଖିବା ଆବଶ୍ୟକ । ସେହିପରି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ହେବା ଜରୁରୀ । ଏବେ ତ ଭାରତର ଶିକ୍ଷାୟତନଗୁଡ଼ିକରେ ଆଉ ନୀତି, ନିୟମ, ଧର୍ମ, ଅଧର୍ମ, ଶାରୀରିକ ଗଠନ, ଯୌନ ଶିକ୍ଷା ଦିଆଯାଉ ନାହିଁ । ଏଭଳି କ୍ଷେତ୍ରରେ ପିଲା ଅବାଟରେ ଯାଉଛନ୍ତି । ଯଦି ସେମାନେ ଏ ବିଷୟରେ ନିଜ ବାପାମାଆ କିମ୍ବା ଗୁରୁଙ୍କଠାରୁ ଶିକ୍ଷା ପାଇଥାଆନ୍ତେ, ତେବେ କୁସଙ୍ଗରେ ପାଉଥିବା ଶିକ୍ଷାଠାରୁ ଦୂରେଇ ଯାଆନ୍ତେ । ଆଉ ଗୋଟେ ମୁଖ୍ୟ କଥା ହେଉଛି – ଅଶ୍ଳୀଳତା (ଚଳଚ୍ଚିତ୍ର, ୱେବ୍ ସିରିଜ ଆଦି) । ଏ ସବୁଥିରେ ତ କୌଣସି କଟକଣା ହିଁ ନାହିଁ । ୧୮ ବର୍ଷରୁ କମ ବୟସର ପିଲା ପାଇଁ ନିଷେଧ ଚଳଚ୍ଚିତ୍ର ୧୪ ବର୍ଷର ପିଲା ଦେଖିଲେ ବି କେହି କିଛି କହିବାର ନାହିଁ । ସାମାଜିକ ଗଣମାଧ୍ୟମ କଥା ନ କହିବା ହିଁ ଭଲ । କାରଣ ଏ ସବୁଥିରେ ଅଶ୍ଳୀଳତା ସହଜରେ ବିନା କଟକଣାରେ ଉପଲବ୍ଧ । ଏହା ଜଣଙ୍କ ମସ୍ତିଷ୍କକୁ ଭ୍ରମିତ କରିବା ସ୍ୱାଭାବିକ କଥା । ମଦ ଏଭଳି ମାନସିକତାକୁ ଆହୁରି ସାଂଘାତିକ କରେ । ତେଣୁ ସମାଜର ମଙ୍ଗଳ ପାଇଁ ଏ ସବୁ ଉପରେ କଟକଣା ଜରୁରୀ ।

## ।। ଜଗନ୍ନାଥ ହେଲେ ଗଣନାଥ ।।

### ସୁଧାଂଶୁ ଶେଖର ଦ୍ୱିବେଦୀ

ପୌରାଣିକ ଗ୍ରନ୍ଥ ଅନୁସାରେ ମହାରାଷ୍ଟ୍ରର ଏକ ଗାଁରେ ଗଣପତି ଭଟ୍ଟ ନାମକ ଜଣେ ଗଣେଶ ଭକ୍ତ ରହୁଥିଲେ । ସେ ଦିନ ରାତି ପ୍ରଭୁ ଗଣନାଥଙ୍କ ସେବା-ପୂଜା-ଅର୍ଚ୍ଚନାରେ ଲୀନ ରୁହନ୍ତି । ଥରେ ସେ ତୀର୍ଥ ଭ୍ରମଣ ନିମନ୍ତେ ବାହାରିଲେ । ତୀର୍ଥ ଭ୍ରମଣ କରୁ କରୁ ପୁରୀରେ ପହଞ୍ଚିଲେ । ମୁଖ୍ୟ ଚାରୋଟି ଧାମ ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଅନ୍ୟତମ । ଏହା ତାଙ୍କ ତୀର୍ଥ ଭ୍ରମଣର ଅନ୍ତିମ ଭ୍ରମଣ ଥାଏ । ନିଜର ଇଷ୍ଟଦେବ ଗଣପତି ବାପାଙ୍କର ଦର୍ଶନ କରିବାକୁ ତାଙ୍କର ପ୍ରବଳ ଇଛା ହେଉଥାଏ ।ହେଲେ ପୁରୀରେ ତାଙ୍କୁ କୌଣସି ଗଣେଶଙ୍କ ମନ୍ଦିର ମିଳୁ ନଥାଏ । ସେ ତାଙ୍କ ଭକ୍ତିରେ ଏତେ ମଗ୍ନ ଥାଆନ୍ତି ଯେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ ନ କରି ଫେରିବାକୁ ଲାଗିଲେ । ଏପରିକି ପୁରୀରେ ଜଗନ୍ନାଥଙ୍କ ମହାପ୍ରସାଦ ମଧ୍ୟ ଗ୍ରହଣ କଲେ ନାହିଁ ।ଯାହାଦ୍ୱାରା ତାଙ୍କର ଚାରି ଧାମର ଯାତ୍ରା ବି ସଫଳ ହୋଇ ପାରିଲା ନାହିଁ । ବିଚଳିତ ମନରେ ଫେରୁଥାନ୍ତି ରାସ୍ତାରେ ତାଙ୍କର ଜଣେ ବ୍ରାହ୍ମଣ ଯୁବକ ସହିତ ଦେଖା ହେଲା ।

ବ୍ରାହ୍ମଣ ଯୁବକ ଗଣପତି ଭଟ୍ଟଙ୍କ ବିଚଳିତ ଅବସ୍ଥା ଦେଖି କାରଣ ପଚାରିବାରୁ ସେ କହିଲେ- ଏଠିକୁ ମୋ ଗଣପତି ବାପାଙ୍କୁ ଦର୍ଶନ କରିବାକୁ ଆସିଥିଲି, ହେଲେ ତାଙ୍କର ଗୋଟେ ବି ମନ୍ଦିର ଦେଖିବାକୁ ମିଳୁନାହିଁ । ଭାବିଛି ମୁଁ ଏଠାରେ ଗଣପତି ବାପାଙ୍କ ପ୍ରତିମାଟିଏ କରି ସ୍ଥାପନା କରିବି । ବ୍ରାହ୍ମଣ ଯୁବକ କହିଲେ-ଶୁଭ କାର୍ଯ୍ୟରେ ବିଳମ୍ବ କଣପାଇଁ କରୁଛନ୍ତି ?

ଆପଣ ଏବେଠାରୁ ଗଣେଶ ପ୍ରତିମା ନିର୍ମାଣ କରିବା ଆରମ୍ଭ କରି ଦିଅନ୍ତୁ ।ବ୍ରାହ୍ମଣ ଯୁବକ କଥାରେ କି କୁହୁକ ଥିଲା କେଜାଣି ଗଣପତି ଭଟ୍ଟ ତୁରନ୍ତ ଗଣେଶଙ୍କ ପ୍ରତିମା ନିର୍ମାଣ କରିବା ଆରମ୍ଭ କରିଦେଲେ । ସବୁକିଛି ନିର୍ମାଣ କରିବା ପରେ ମୁହଁରେ ଆଖି ଲଗାଇବା ବେଳେ କେବେ ଗୋଲ ଗୋଲ ଚକା ଆଖି ହେଉଥାଏ ତ କେବେ ବଡ଼ ବଡ଼ ହୋଇ ଯାଉଥାଏ । ପୁଣି କେବେ ତାଙ୍କ ହାତରେ ବଂଶୀ ଧରେଇ ଦିଅନ୍ତି ତ ପୁଣି କେବେ ତାଙ୍କ ମୁକୁଟରେ ମୟୂର ଚନ୍ଦ୍ରିକା ଲଗେଇ ଦିଅନ୍ତି ।ବହୁବାର ପ୍ରୟାସ କରିବା ସତ୍ତ୍ୱେ ବି ସେ ଅବିକଳ ଯେପରି ପ୍ରତିମା ଚାହୁଁଥାନ୍ତି ସେପରି ହୋଇପାରୁ ନଥାଏ । ଏହା ଦେଖି ବ୍ରାହ୍ମଣ ଯୁବକ କହିଲେ-ଏଠି ତ କୌଣସି ଗଣେଶଙ୍କ ମନ୍ଦିର ନାହିଁ । ଆପଣ ଗୋଟେ କାମ କରନ୍ତୁ-ଧ୍ୟାନରେ ଗଣପତିଙ୍କୁ ସ୍ମରଣ କରନ୍ତୁ । ଧ୍ୟାନରେ ଯେଉଁ ପ୍ରତିମା ଆପଣଙ୍କ ମସ୍ତିଷ୍କରେ ରହିବ ତାକୁଇ ନିର୍ମାଣ କରିବେ । ଗଣପତି ଭଟ୍ଟଙ୍କୁ ବ୍ରାହ୍ମଣ ଯୁବକର ବିଚାର ଉଚିତ ମନେହେଲା । ଧ୍ୟାନ ଲଗେଇ ଦେଖିଲେ ଅଲଗା ଅଲଗା ଦେବ ଦେବୀ ସ୍ମରଣ ହେଉଛନ୍ତି ।ଯାହା ସେ ଧ୍ୟାନରେ ଦେଖୁଥାନ୍ତି ବର୍ଣ୍ଣନା କରିପାରିଲେ ନାହିଁ । ଗଣପତି ଭଟ୍ଟଙ୍କ ମନର ବିବ୍ରତ ଅବସ୍ଥାକୁ ଦେଖି ବ୍ରାହ୍ମଣ ଯୁବକ କହିଲେ-ଆପଣ ଶ୍ରୀ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ନ କରି ଫେରି ଯାଉଛନ୍ତି । ଥରେ ତାଙ୍କୁ ଦର୍ଶନ କରି ଯାଆନ୍ତୁ । ହୋଇ ପାରେ ଆପଣଙ୍କ ଇଷ୍ଟଦେବ ଗଣପତି ବାପା ସେଇଠାରେ ଥାଇ ପାରନ୍ତି !

ବ୍ରାହ୍ମଣ ଯୁବକର ଅନୁରୋଧରେ ଗଣପତି ଭଟ୍ଟ ଶ୍ରୀ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଚାଲିଲେ । ଯେମିତି ସେ ମନ୍ଦିର ମଧ୍ୟରେ ପ୍ରବେଶ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି ମଧ୍ୟରେ ଗଣନାଥଙ୍କୁ ଦେଖି ଚିତ୍କାର କରି ଉଠିଲେ-ଆରେ ମୋ ବାପା ତ ଏଇଠି ଅଛନ୍ତି । ବ୍ରାହ୍ମଣ ଯୁବକ ନିକଟରେ ନିଜର ଖୁସି ବଖାଣିବାକୁ ମୁହଁ ଫେରାଇ ଦେଖନ୍ତି ତ ସେତେବେଳେ ସେଠି କେହି ନଥାନ୍ତି । ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବାକୁ ଭଗବାନ ଶ୍ରୀ ଜଗନ୍ନାଥ ସ୍ୱୟଂ ତାଙ୍କ ମନରୁ ଭ୍ରମ ଦୂର କରିବାକୁ ବ୍ରହ୍ମଣ ଯୁବକ ବେଶରେ ଆସି ନିଜ ମଧ୍ୟରେ ଗଜାନନ ରୂପ ଦର୍ଶନ କରାଇଥିଲେ ।


*ବିସି-୭୪, ସଲଟ ଲେକ, କଲକତା-୬୪*

*ମୋ-୯୬୮୧୩୭୩୫୧୨*


# ଗୁରୁ ଗୌରବ: ଡ଼. ସର୍ବପଲ୍ଲୀ ରାଧାକ୍ରିଷ୍ଣନ

### ବିପିନ ବିହାରୀ ମହାନ୍ତି



ଭାରତୀୟ ପରମ୍ପରାରେ ଗୁରୁପୂଜା କେଉଁ ପୁରାତନ ଯୁଗରୁ ଚଳି ଆସୁଅଛି । ତେବେ ବ୍ୟକ୍ତି ବିଶେଷଙ୍କୁନେଇ ଏବଂ ତାଙ୍କ ଜନ୍ମତିଥିକୁ ଧରି ଗୁରୁଦିବସ କେବଳ ଦୁଇଜଣଙ୍କପାଇଁ ପାଳନ କରାଯାଏ । ପ୍ରଥମଟି ଦିବସଟି ହେଲା ମହର୍ଷି ବ୍ୟାସଦେବଙ୍କପାଇଁ ତାଙ୍କ ଜନ୍ମ ତିଥି ଆଷାଢ଼ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ଏବଂ ଦ୍ୱିତୀୟଟି ହେଲା ସେପ୍ଟେମ୍ବର ୫ ତାରିଖ ଯାହାକି ଆମର ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ ଏବଂ ପ୍ରଣମ୍ୟ ଗୁରୁଙ୍କର ଜନ୍ମ ତିଥି । ପ୍ରଥମ ଗୁରୁ ଦିବସଟି ଅତି ପୁରାତନ ଯୁଗରୁ ପ୍ରଚଳିତ ଥିଲାବେଳେ, ଦ୍ୱିତୀୟଟି ୧୯୬୨ ମସିହା ସେପ୍ଟେମ୍ବର ୫ ତାରଖରୁ ପାଳିତ ହୋଇଆସୁଅଛି ।

ଡ଼. ସର୍ବପଲ୍ଲୀ ରାଧା କ୍ରିଷ୍ଣନ ସେପ୍ଟେମ୍ବର ୫, ୧୮୮୮ ମସିହାରେ ମାନ୍ଦ୍ରାସ ସହର ନିକଟବର୍ତ୍ତି ତୀରୁତାନୀଠାରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଶୈଶବରୁ ତାଙ୍କ ବାପା ଚାହିଁଥିଲେ ଯେ, ସେ ଇଂରାଜି ନ ପଢୁ ଏବଂ ତା' ପରିବର୍ତ୍ତେ ପୁରୋହିତୀ କାମ କରୁ । କିନ୍ତୁ ପଢ଼ାରେ ତାଙ୍କ ବିଚକ୍ଷଣତା ତାଙ୍କୁ ତିରୁପତୀ ବିଦ୍ୟାଳୟ ଏବଂ ପରେ ଭେଲୋର ରେ ପଢ଼େଇବାକୁ ବାଧ୍ୟ କଲା । ତାପରେ ସେ ମାନ୍ଦ୍ରାସର ଖ୍ରୀଷ୍ଟିଆନ କଲେଜରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କଲେ ଏବଂ ସେହି ଶାସ୍ତ୍ରରେ ସେ ଅଗାଧ ଜ୍ଞାନ ଆହାରଣ କଲେ । ଏହାପରେ ସେ ଇଂଲଣ୍ଡ ଯାଇ ଶିକ୍ଷା ଗ୍ରହଣ କରିଥିଲେ ।

ଦର୍ଶନ ଶାସ୍ତ୍ରରେ ଅଧ୍ୟୟନ କଲାବେଳେ ସେ ତାଙ୍କ ସ୍ନାତକୋତ୍ତର ପରୀକ୍ଷା ନିମନ୍ତେ "ବେଦାନ୍ତର ନୈତିକ ନିୟମାବଳୀ ଏବଂ ଏହାର ବସ୍ତୁବାଦୀ ପୂର୍ବକଳ୍ପନା (The Ethics of Bedant & Its Material Pre supposition)" ନାମକ ଗବେଷଣା ମୂଳକ ସନ୍ଦର୍ଭ ଉପସ୍ଥାପନା କରିଥିଲେ । ଏହିଟି ମାନ୍ଦ୍ରାସ ବିଶ୍ୱବିଦ୍ୟାଳୟ ଦ୍ୱାରା ୧୯୦୮ରେ ପ୍ରକାଶିତ ହେଲା । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଏହି ପ୍ରକାଶନଟି ତାଙ୍କର ସୁନାମ ଆଣିବା ସହିତ ଜଣେ ଉଚ୍ଚ କୋଟିର ଦାର୍ଶନିକ ବୋଲି ପ୍ରମାଣିତ କରାଇଦେଲା । ଦର୍ଶନ ଉପରେ ତାଙ୍କର ପରବର୍ତ୍ତୀ କାର୍ଯ୍ୟମାନ ଐତିହାସିକ ଚମକପ୍ରଦ ପରିବର୍ତ୍ତନ ଏବଂ ପ୍ରଭାବମାନ ସୃଷ୍ଟିକଲା ।

ତାଙ୍କ ମତରେ ଦର୍ଶନ ହିଁ ଜୀବନକୁ ବୁଝିବାର ବିଦ୍ୟା । ସେଥିପାଇଁ ସେ ଭାରତୀୟ ଦର୍ଶନକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ । ଖାଲି ସେତିକି ନୁହେଁ, ଏହାକୁ ପାଶ୍ଚାତ୍ୟ ଦର୍ଶନ ସହିତ ତୁଳନାତ୍ମକ ବିଚାର କରାଇ ଭାରତୀୟ ଦର୍ଶନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଇଥିଲେ ।

ଡ଼. ରାଧାକ୍ରିଷ୍ଣନ ତାଙ୍କର ଏ ଦର୍ଶନ ବିଦ୍ୟା କେବଳ ତାଙ୍କର ଶିକ୍ଷା ବା ବୃତ୍ତିଗତ ସୀମା ସରହଦ ଭିତରେ ସୀମୀତ ନରଖି ଏହାକୁ ତାଙ୍କ ସମୟର ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ପ୍ରୟୋଗ କରିଥିଲେ । ତାଙ୍କ ବିଶ୍ୱାସରେ ଭାରତୀୟମାନେ ତାଙ୍କ ଅତୀତ ସହିତ ସଂପର୍କ ନରଖି କେବେହେଲେ ଭବିଷ୍ୟତକୁ ହସ୍ତପ୍ରସାରଣ କରିପାରିବେନାହିଁ । ତେଣୁ ଅତିତ ହିଁ ଆମ ମୂଳ ।

ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜଣେ ଅସାଧାରଣ ବିଜ୍ଞ ଏବଂ ଦକ୍ଷତା ସଂପନ୍ନ ବ୍ୟକ୍ତିତ୍ୱର ପରିଚୟ ପ୍ରଥମରୁ ଦେଇ ଆସିଛନ୍ତି । ସେ ଜଣେ ଅତ୍ୟନ୍ତ ଦୟାଦ୍ର ଓ ମାନବବାଦୀ ବ୍ୟକ୍ତିତ୍ୱ । ସେ ତାଙ୍କ ଛାତ୍ରମାନଙ୍କ ନିକଟରେ ମାନ୍ଦ୍ରାସ କଲେଜରେ ଅଧ୍ୟାପକ ଥିଲାବେଳୁ ଅତି ପ୍ରିୟ ଥିଲେ । ୩୦ ବର୍ଷ ବୟସ ହେବା ପୂର୍ବରୁ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଅଧାପନାପାଇଁ ସୁଯୋଗ ଦିଆଯାଇଥିଲା । ସେ ୧୯୩୧ରୁ ୧୯୩୬ ଯାଏ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୂଳପତିଥିଲେ । ପରେ ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୂଳପତିରୂପେ ନିଯୁକ୍ତି ପାଇଲେ । ଏହାର ଠିକ ଦୁଇ ବର୍ଷପରେ ଅର୍ଥାତ୍ ୧୯୪୧ରେ "ସାର ସାୟଜି ରାଓ ଭାରତୀୟ ସଂସ୍କୃତି ଓ ସଭ୍ୟତା", ବନାରସର ସେ ଗାଦି ସମ୍ଭାଳିଲେ । ୧୯୩୬ ମସିହାରୁ ୧୯୫୨ ମସିହା ଯାଏ ସେ ପ୍ରଫେସର ହିସାବରେ "ଇଷ୍ଟର୍ଣ୍ଣ ରିଜିୟନାଲ ଏଣ୍ଡ ଇଥିକ୍ସ, ଅକ୍ସଫୋର୍ଡ଼ରେ" ଅଧ୍ୟାପକ ହିସାବରେ ଯୋଗ ଦେଇଥିଲେ । ତାଙ୍କ ବିଦ୍ୟା ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟଥିଲା ଯାହାକି ତାଙ୍କୁ ସୁଯୋଗ୍ୟ ଶିକ୍ଷକ ହିସାବରେ ପ୍ରତିଷ୍ଠିତ କରାଇଥିଲା । ତାଙ୍କର ପାଣ୍ଡିତ୍ୟ ତଥା ଛାତ୍ର ଏବଂ ସର୍ବ ସାଧାରଣଙ୍କ ପ୍ରତି ଆଦରଣୀୟ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ କ୍ରମଶଃ ସର୍ବ ସାଧାରଣରେ ତାଙ୍କୁ ଲୋକପ୍ରିୟ କରାଇଥିଲା । ଉଭୟ ଦେଶ ଓ ଦେଶ ବାହାରେ ତାଙ୍କ ସମୟରେ ସେ ଥିଲେ ଜଣେ ସମ୍ମାନିତ ବ୍ୟକ୍ତିତ୍ୱ । ସେ ଆନ୍ତର୍ଜାତିକ ସ୍ତରରେ ଜଣେ ଉଚ୍ଚ କୋଟିର ଦାର୍ଶନିକ ବୋଲି ପରିଚିତ ପାଇଥିଲେ । ୧୯୫୨' ମସିହାରେ, "ଦ ଲିବର୍ଟି ଅଫ ଲିଭିଙ୍ଗ ଫିଲୋସର୍ଫ୍ସ" ଯାହାକି ଏକ ବିଶ୍ୱପ୍ରସିଦ୍ଧ ଅନୁଷ୍ଠାନ ତାଙ୍କ ଉପରେ ଏକ ବିରାଟ କାୟ ପୁସ୍ତକ, "ଦି ଫିଲୋସଫି ଅଫ ସର୍ବପଲ୍ଲୀ ରାଧାକ୍ରିଷ୍ଣନ" ପ୍ରକାଶିତ କରିଥିଲେ । ଏହାଥିଲା ତାଙ୍କର ଦର୍ଶନ ଭିତିକ ତତ୍ୱ ସମ୍ବଳିତ ପୁସ୍ତକ ।

ସ୍ୱାଧୀନତାପରେ ତାଙ୍କର ଏହି ଦର୍ଶନ ବିଦ୍ୟାର ପାରଙ୍ଗମତା ତାଙ୍କୁ ଭାରତର ରାଷ୍ଟ୍ରଦୂତ ହିସାବରେ ସୋଭିଏତ ୟୁନିୟନରେ ସୁଯୋଗ ଦେଇଥିଲା ଯେଉଁଥିରେ ସେ ନିଜ ପରାକାଷ୍ଠା ଦେଖାଇବା ସହିତ ଜଣେ ଆନ୍ତର୍ଜାତିକ ଛବି ପାଲଟି ଯାଇଥିଲେ ।

୧୯୫୨ ମସିହାରେ ଡ଼. ରାଧାକ୍ରିଷ୍ଣନ ଭାରତର ଉପରାଷ୍ଟ୍ରପତିପଦ ମଣ୍ଡନ କରିଥିଲେ ଏବଂ ୧୯୬୨ରେ, ୫ବର୍ଷ ପାଇଁ ଭାରତର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ସିଂହାସନ ଅଳଙ୍କୃତ କରିଥିଲେ । ଏହା ଏକ ଆଶ୍ଚର୍ଯ୍ୟ କଥା ଯେ ସେ ଜଣେ ଶିକ୍ଷାବିତ୍ ବିଶେଷକରି ଦର୍ଶନ ବିଦ୍ୟାର ଶିକ୍ଷକଥିଲେ ଏବଂ ରାଜନୀତି କରୁନଥିଲେ । ଅଥଚ ସେ ରାଜନୀତିର ସର୍ବୋଚ୍ଚ ଆସନ ମଣ୍ଡନ କଲେ । ଏହାଥିଲା ବିଶ୍ୱପାଇଁ ଏକ ଦୃଷ୍ଟାନ୍ତ । ଏ ନେଇ ବ୍ରାଡ଼ ରୁଷେଲ୍ କହିଛନ୍ତି, "It is an honour to philosophy that Dr. Radhakrishnan should be President of India and I, as a philosopher, take special pleasure in this. Plato aspired for philosophers to become kings and it is a tribute to India that she should make a philosopher her president." ଅର୍ଥାତ୍ ଭାରତର ଜଣେ ଦର୍ଶନ ଶିକ୍ଷକ ଏହାର ରାଷ୍ଟ୍ରପତି ହେଲେ ଯାହାକି ମୋ' ପରି ଜଣେ ଦାର୍ଶନିକକୁ ଅତି ଆନନ୍ଦ ଦିଏ । ଏକଦା ପ୍ଲାଟୋ ଆଶା କରିଥିଲେ ଯେ ଦାର୍ଶନିକମାନେ ରାଜା ହୁଅନ୍ତୁ ଏବଂ ଏହା ଭାରତପାଇଁ ସତ୍ୟ ହେଲା ଯେ, ଜଣେ ଦାର୍ଶନିକ ରାଷ୍ଟ୍ରପତି ହେଲେ ।

ସେ ରାଷ୍ଟ୍ରପତି ଥିଲାବେଳେ ୧୯୬୨ରେ ଚାଇନା ଭାରତ ଆକ୍ରମଣ କଲା ଯାହାକୁ ଆହ୍ୱାନ ଦେଇଥିଲା ଡ଼. ରାଧାକ୍ରିଷ୍ଣନଙ୍କର ସେ ସମୟର ନେତୃତ୍ୱ । ସେହିପରି ୧୯୬୫ରେ ପାକିସ୍ତାନ ଭାରତର ପଶ୍ଚିମା□ଳରେ ବିଶୃଙ୍ଖଳା ସୃଷ୍ଟିକଲା । ଏଥିକୁ ଡ଼. ରାଧାକ୍ରିଷ୍ଣନ ତାଙ୍କ ବଜ୍ର ଗମ୍ଭୀର ବାଣୀରେ ଦେଶବାସୀଙ୍କୁ ସେପେମ୍ବର ୨୫, ୧୯୬୫ରେ ଶୁଣାଇଥିଲେ, "ପାକିସ୍ତାନ ଭାବୁଛି ଯେ, ଭାରତ ତାକୁ ପ୍ରତିରୋଧ କରିବାରେ ଅତି ଦୁର୍ବଳ କିମ୍ବା ଅତି ଭୟାଳୁ କିମ୍ବା ଅତି ଯୁଦ୍ଧ ପରାଂମୁଖୀ । ଭାରତ ଯଦିଓ ପ୍ରକୃତରେ ଯୁଦ୍ଧ ଚାହେଁନାହିଁ, ତେବେ ଯଦି ସେ ଅନୁଭବକରେ ନିଜ ରକ୍ଷଣପାଇଁ ତାକୁ ଲଢ଼ିବାକୁ ହେବ, ସେ ପାରିବ । ପାକିସ୍ତାନ ବୋଧେ ଭାବିଛି ଯେ, ତା ଆକ୍ରମଣ ଫଳରେ ଭାରତରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଦେଖାଯିବ ଏବଂ ଏହାର ସୁଯୋଗ ନେଇ ସେ ତା'ର ଫାଇଦା ଉଠାଇବ । ତା'ର ଏ ପ୍ରକାର ଚିନ୍ତାଧାରା ତାକୁ ହିଁ ଧୋକା ଦେବ । "Pakistan assumed that India was too weak or too afraid or too proud to fight. India, though naturally disinclined to take to arms felt the necessity to defend herself when attacked. Pakistan also assumed that communal disturbance would occur in the country and in the resulting chaos she could have her way. Her miscalculations must have come to her as a rude shock"

ଭାରତୀୟ ଗଣତନ୍ତ୍ର ଉପରେ ତାଙ୍କର ଅଗାଧ ବିଶ୍ୱାସଥିଲା । ମେ ୧୨, ୧୯୬୭ ତାଙ୍କ ବିଦାୟ ଅବସରରେ ସେ ସୂଚାଇଥିଲେ ଯେ, ଦେଶରେ ସେଯାବତ୍ ଗଣତନ୍ତ୍ର ଶାସନ ଠିକ୍ ଚାଲିଛି ତଥାପି ସେ ସତର୍କ କରାଇଥିଲେ, "Democracy was more than a system of Government. It was a way of life and regime of civilized conduct of human affairs. We should be the architects of peaceful changes and advocates of redical reform".

୧୯୬୨ରେ ଡ଼. ରାଧାକ୍ରିଷ୍ଣନ ଭାରତର ରାଷ୍ଟ୍ରପତି ହେଲେ । ସେହି ବର୍ଷ ତାଙ୍କ ଜନ୍ମ ତିଥିକୁ ଗରୁଦିବସ ବା ଶିକ୍ଷକ ଦିବସ ରୂପେ ପାଳିବାର ନିଷ୍ପତି ନିଆଗଲା । କିନ୍ତୁ ସେ ଏହାକୁ ତାଙ୍କ ଜନ୍ମତିଥି ହିସାବରେ ପାଳନ କରାନଯାଇ ଶିକ୍ଷକ ଜାତି ପ୍ରତି ଉତ୍ସର୍ଗ କରିଥିଲେ । ସେ ମଧ୍ୟ ନିଜେ ରାଷ୍ଟ୍ରଦୂତ, ଉପ-ରାଷ୍ଟ୍ରପତି ବା ରାଷ୍ଟ୍ରପତି ଥାଆନ୍ତୁନା କାହିଁକି, ସେ ସାରା ଜୀବନଥିଲେ ଶିକ୍ଷକ । ଶିକ୍ଷକତା ଥିଲା ତାଙ୍କର ପ୍ରଥମ ଭଲପାଇବାର ବୃତ୍ତି ଏବଂ ଯେଉଁମାନେ ତାଙ୍କଠୁ ଶିକ୍ଷା ଗ୍ରହଣ କରିଛନ୍ତି, ଏବେ ମଧ୍ୟ ଶିକ୍ଷକ ହିସାବରେ ତାଙ୍କର ସୁଗୁଣ ଗୁଡିକ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତି । ପଣ୍ଡିତ ଜବାହାରଲାଲ୍ ନେହୁରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏକି ରାଧାକ୍ରିଷ୍ଣନଙ୍କର ଜଣେ ନିକଟତମ ବନ୍ଧୁଥିଲେ, କହିଥିଲେ, "ସେ ତାଙ୍କ ଅକ୍ତିୟାର ଅନୁସାରେ ଏ ଦେଶକୁ ଅନେକ ସେବା ଦେଇଛନ୍ତି କିନ୍ତୁ ସର୍ବୋପରି ସେ ଜଣେ ମହାନ ଶିକ୍ଷକ ଯାହାଠୁ ଆମେ ସମସ୍ତେ ବହୁତ କିଛି ଶିକ୍ଷିଛେ ଏବଂ ଶିକ୍ଷିଚାଲିଥିବା । ଏହା ଭାରତପାଇଁ ଏକ ବିଚିତ୍ର ସୁଯୋଗ ଯେ ଏପରି ଜଣେ ମହାନ ଦାର୍ଶନିକ, ଜଣେ ମହାନ ଶିକ୍ଷାବିତ୍ ଏବଂ ଜଣେ ମହାନ ମାନବାଦୀଙ୍କୁ ଆମେ ଆମର ରାଷ୍ଟ୍ରପତି ହିସାବରେ ପାଇଛେ । ଏହା ପ୍ରମାଣ କରାଇ ଦିଏ ଯେ, ଆମେ ଏଭଳି ଜଣେ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଉଛୁ । "He has served his country in many capacities. But above all, he is a great Teacher from whom all of us have learnt much as well continue to learn. It is India's peculiar privilege to have a great philosopher, a great educationist and a great humanist as her President. That in itself shows the kind of men we honour and respect".

୧୯୫୪ ମସିହାରେ ଭାରତର ସର୍ବୋତ୍ତମ ଉପାଧି/ପୁରସ୍କାର "ଭାରତ ରତ୍ନ" ପ୍ରଥମେ ଯେଉଁ ତିନିଜଣଙ୍କୁ ଦିଆଯାଇଥିଲା, ସେମାନଙ୍କ ମଧ୍ୟରୁ ସେ ଅନ୍ୟତମ । ମାନବ ଜାତିର ସେବା ନିମନ୍ତେ ତାଙ୍କୁ ଏ ଉପାଧି ଦିଆଯାଇଥିଲା । ଏହି ମହାପୁରୁଷଙ୍କର ମହା ପ୍ରୟାଣ ଏପ୍ରିଲ୍ ୧୭ ୧୯୭୫ ମସିହାରେ ଘଟିଥିଲା ।

ସେପ୍ଟେମ୍ବର ୫ ତାରିଖଟି ଆମ୍ଭର ମହାନ ଦାର୍ଶନିକ, ଲେଖକ, ବିଚକ୍ଷଣ ରାଜନୀତୀଜ୍ଞ ଓ ରାଷ୍ଟ୍ରନେତା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଜନ୍ମତିଥି ପାଳନ ନିଶ୍ଚୟ । ସେ ଗୁରୁମାନଙ୍କ ମଧ୍ୟରୁ ଜଣେ । ଏହି ଅବସରରେ ଆମେ ତାଙ୍କ ଜନ୍ମତିଥି ପାଳନ କରିବା ସହିତ ଆମେ ସମଗ୍ର ଗୁରୁ ସମାଜ ପ୍ରତି ତାଙ୍କର ଶିକ୍ଷାଦାନ ମାଧ୍ୟମରେ ଜ୍ଞାନ ଦାନ, ଛାତ୍ରମାନଙ୍କର ଚରିତ୍ର ଗଠନ ଏବଂ ସେମାନଙ୍କୁ ପଥ ପ୍ରଦର୍ଶନ କାରଣକୁ ବିଚାରି ତାଙ୍କ ସମ୍ମାନାର୍ଥେ ଏ ଦିବସଟି ପାଳନ କରୁଅଛୁ । ଖାଲି ଆମ ଦେଶରେ ନୁହେଁ, ଏହିପରି ଗୁରୁଦିବସ ଅନ୍ୟ ଦେଶରେ ମଧ୍ୟ ପାଳିତ ହୁଏ । ଆନ୍ତର୍ଜାତିକ ସ୍ତରରେ ବିଶ୍ୱ ଶିକ୍ଷକ ଦିବସ ରୂପେ ଅକ୍ଟୋବର ୫ ତାରଖକୁ ପାଳନ କରାଯାଏ । ଆସନ୍ତୁ ଏହି ଦିବସର ଅବସରରେ ଅନ୍ତତଃ ଆମେ ଆମ ଗୁରୁମାନଙ୍କ ପ୍ରତି ସ୍ମୃତି ଚାରଣ କରିବା ।।


*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ଦୂରଭାଷ: ୯୯୩୮୩୪୧୩୮*


# "ଗୁରୁ" ସୃଷ୍ଟିର ଶ୍ରେଷ୍ଠ ସମ୍ପଦ

### ଛାତ୍ର ଇଂ.ରାଜଶେଖର ଲାହା

ସମାଜ ମୋତେ କରିଛି ବଡ଼ ସୁଝିବି ଋଣ ନହୋଇ ଜଡ଼- ସାର୍ ଡ. ଅଚ୍ୟୁତ ସାମନ୍ତ" ବିଶ୍ୱନିୟନ୍ତାଙ୍କ ବିଚିତ୍ର ସୃଷ୍ଟି । କେତେବେଳେ କାହାଦ୍ୱାରା କରାଯିବ ସିଏ ନିଜେ ହିଁ ନିୟନ୍ତ୍ରଣ କରନ୍ତି । କିଏ ନିଜର ସ୍ୱାର୍ଥ ପାଇଁ ଜୀବନସାରା ସନ୍ତୁଳି ହୋଇ ସୁଖ ଖୋଜୁଥାଏ ତ ଅନ୍ୟ କିଏ ଜଗତର ହିତ ପାଇଁ ନିଜର ସର୍ବସ୍ୱକୁ ଜଳାଞ୍ଜଳି ଦେଇଥାଏ । କିଛି ଲୋକ ଜନ୍ମରୁ ଭାଗ୍ୟବାନ, କାହାକୁ ଭାଗ୍ୟକୁ ଲଦି ଦିଆଯାଇଥାଏ ତ ଅନ୍ୟ କିଏ କଠିନ ପରିଶ୍ରମ କରି ଅନ୍ୟର ଭାଗ୍ୟ ତିଆରି କରିଥାନ୍ତି । ଗୁରୁ ହୋଇ ଅଜ୍ଞାନ ଅନ୍ଧାରରୁ ଜ୍ଞାନର ଆଲୋକ ଆଡ଼କୁ ପଥ ପ୍ରଦର୍ଶନ କରାଉଥିବା ସେହି ମହାନ ବ୍ୟକ୍ତିତ୍ୱ ହେଉଛନ୍ତି ଆମ ସାର୍ ଡଃ. ଅଚ୍ୟୁତ ସାମନ୍ତ । ଲକ୍ଷ ଲକ୍ଷ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ବଜ୍ରଶପଥ ନେବା ସହିତ ଏଥିପାଇଁ ନିଜକୁ ସମର୍ପଣ କରି ଅହରହ ଉଦ୍ୟମ ଜାରି ରଖିଛନ୍ତି । କଲରାବାଙ୍କରେ ଭୂମିଷ୍ଠ ଏହି ଉଜ୍ୱଳ ନକ୍ଷତ୍ର ବହୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିଛନ୍ତି । ପିଲାଦିନୁ ବାପାଙ୍କୁ ହରେଇ ଥିବାର ଦୁଃଖ, ଚଳଣିରେ ବହୁ ବାଧାବିଘ୍ନକୁ ଖାତିରି ନକରି ଜୀବନର ଲକ୍ଷ୍ୟ ପଥରେ ଆଗେଇ ସଫଳ ହୋଇଛନ୍ତି । ଦ୍ୱୀପଟିଏ ପ୍ରଜ୍ୱଳିତ ହେବା ସମୟରେ ସଞ୍ଜ ସଳିତାଟି ନିଜେ ତିଳତିଳ ହୋଇ ଦଗ୍ଧିଭୂତ ହୋଇ ଅନ୍ୟକୁ ଆଲୋକ ଦେଖାଇଥାଏ । ଘୃତ ଅଥବା ତୈଳର ପ୍ରୋତ୍ସାହନ ତାକୁ ଉଜ୍ଜଳରୁ ଉଜ୍ଜଳତର ଆଡକୁ ପ୍ରେରଣା ଦେଇଥାଏ । ମା' ନୀଳିମା ରାଣୀଙ୍କ ପ୍ରେରଣାରେ ସାମନ୍ତ ସାର୍ ପ୍ରଦୀପଟିଏ ନୁହେଁ ଉଜ୍ଜଳ ଜ୍ୟୋତିଷ୍କଟିଏ ହୋଇ ଏ ମାଟିର ଶିକ୍ଷା ଆକାଶରେ ଉଦୀୟମାନ ହୋଇଛନ୍ତି । ନବେ ଦଶକରେ ସୃଷ୍ଟି ହୋଇଥିବା କ୍ଷୁଦ୍ର ଅନୁଷ୍ଠାନଟି ଆଜି ଦୁଇ ଦୁଇଟି ଡିମ୍ଡ ବିଶ୍ୱବିଦ୍ୟାଳୟରେ ପରିଣତରେ ରୂପାନ୍ତରିତ ହୋଇ ଶିକ୍ଷାକାଶରେ ଏକ ମାଇଲ ଖୁଣ୍ଟକ୍ଷମ୍ଭ; ସ୍ଥାପନ କରି ପାରିଛି । କିମସ୍ ଭଳି ଏକ ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ କେନ୍ଦ୍ର କେବଳ ରୋଗୀସେବା ନୁହେଁ ଡାକ୍ତର, ନର୍ସ ସୃଷ୍ଟି କରୁଥିବା ଏକ ମଣିଷ ତିଆରି କାରଖାନାରେ ରୂପାନ୍ତରିତ ହୋଇପାରିଛି । ଆଜି



ଦେଶ ବିଦେଶର ଲକ୍ଷାଧିକ ପିଲା ଏଠାରୁ ଶିକ୍ଷା ସମାପ୍ତ କରି ବିଶ୍ୱ କଲ୍ୟାଣରେ ଲାଗିଛନ୍ତି । ଏହି ଅନୁଷ୍ଠାନ ପାଇଁ ଆମ ମାଟିର ଲକ୍ଷାଧିକ ପରିବାର ଆଜି ରୋଜକାର କରି ସମ୍ମାନେ ବଂଚୁଛନ୍ତି । ଦୀପ ଭଳି ଜଳି ଏସମାଜକୁ ଆଲୋକିତ କରୁଛନ୍ତି ମୋ ଗୁରୁ ସାର୍ ଡ଼.ଅଚ୍ୟୁତ ସାମନ୍ତ । ରସାୟନ ବିଜ୍ଞାନରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରିଥିବା ଜୀବନ ଅଧ୍ୟାପକ ହୋଇ ରହିଯାଇଥିଲେ ବୋଧେ ପରିସର ସୀମିତ ହୋଇଯାଥାନ୍ତା । ମାତ୍ର ଜଗତ କଲ୍ୟାଣ ଯାହାର ଲକ୍ଷ୍ୟ, ଶିକ୍ଷାର କିରଣ ବୁଣିବା ପାଇଁ ଯିଏ ପ୍ରେରିତ ସିଏ ସୀମିତ ହୋଇ ରହିଥାନ୍ତେ କିପରି ? ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଉଚ୍ଚ ଶିକ୍ଷା ନିମନ୍ତେ ଆଗେଇ ଆସୁଛନ୍ତି ଅନେକ ବିଦ୍ୟାର୍ଥୀ । ଶିକ୍ଷା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରୀୟ ଶିକ୍ଷାନୁଷ୍ଠାନ କିଟ୍‌ରେ ନିଜର ଭବିଷ୍ୟତ ଜୀବନ ଗଢିବାକୁ ଅନେକ ଇଚ୍ଛାବ୍ୟକ୍ତ କରିଥାନ୍ତି । ନିଜକୁ କିଟିଆନ୍ ଭାବେ ତିଆରି କରି, ଅନେକ ସୁନାମଧନ୍ୟ, ଅଗ୍ରଣୀ ଅନୁଷ୍ଠାନରେ ନିଜ ନିଜ କ୍ଷେତ୍ରରେ ପାରଦର୍ଶିତା ଅର୍ଜନକରି ଅନୁଷ୍ଠାନକୁ ଗୌରବାନ୍ୱିତ କରୁଛନ୍ତି । ବଣର ମଲ୍ଲୀ ବଣରେ ଫୁଟି ମଉଳି ଗଲେ କେହି ତାର ମହନୀୟ ସୁଗନ୍ଧକୁ ଜାଣିପାରି ନ ଥାନ୍ତି; ମାତ୍ର ତାକୁ ଚିହ୍ନି ଠାକୁରଙ୍କ ପୂଜାରେ ଲଗାଉଥିବା ଲୋକ ମହାନ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅବହେଳିତ ଅବସ୍ଥାରେ ଥିବା ଜନଜାତି ପିଲାଙ୍କୁ ଉଦ୍ଧାର କରି ଶିକ୍ଷାଦାନ କରି ସେମାନଙ୍କର ଜୀବନ ଜୀବିକାର ମୋଡ଼ ବଦଳେଇ ଦେଇଛନ୍ତି । କିସ୍ ଏକ ମାତ୍ର ଅନୁଷ୍ଠାନ ଯେଉଁଠାରେ ତିରିଶ ହଜାର ଛାତ୍ରଛାତ୍ରୀ କେଜି ଠାରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ପାଠ ପଢିଥାନ୍ତି । ଶିକ୍ଷା ପରେ ନୂତନ ଦିଗନ୍ତକୁ ଯିବାକୁ ପ୍ରେରଣା ଯୋଗାଇଛନ୍ତି । କେବଳ ଶିକ୍ଷା ନୁହେଁ ସେମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ପ୍ରସ୍ଫୁଟିତ କରିବା ପାଇଁ ଯତ୍ନବାନ । କ୍ରିଡ଼ାର ପ୍ରସାର ନିମନ୍ତେ ସର୍ବଦା ଚେଷ୍ଟିତ । କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରାଇବା, ସେମାନଙ୍କ ମଧ୍ୟରେ ଥିବା କ୍ରିଡ଼ାନୈପୁଣ୍ୟକୁ ଜାତୀୟ, ଅର୍ନ୍ତଜାତୀୟ ସ୍ତରରେ ଉପସ୍ଥାପିତ ଅନେକ ଆର୍ନ୍ତଜାତିକ କ୍ରିଡ଼ାକୁ କିଟ୍‌ର କ୍ରୀଡ଼ାଙ୍ଗନରେ ଉପସ୍ଥାପନ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ । କରୋନା କବଳରେ ନିଜର ପିତା-ମାତାଙ୍କୁ ହରେଇ ଅନାଥ ଶିଶୁଙ୍କୁ ଆପଣାର କରି ନେବାରେ ସେ ଅନ୍ୟ ପାଇଁ ଉଦାହରଣ ହୋଇଛନ୍ତି । ଅନେକ ବାପା-ମା'କୁ ହରେଇଥିବା ସନ୍ତାନମାନଙ୍କର ଗୁରୁଦାୟିତ୍ୱ ସେ ନିଜ ହାତକୁ ନେଇଛନ୍ତି । ନିଜେ ଅବିବାହିତ ହୋଇ ମଧ୍ୟ ବାପା-ମା' ଉଭୟଙ୍କର ଭାରକୁ ନିଜ କାନ୍ଧରେ ବୋହି ସେମାନଙ୍କୁ ସମାଜରେ ମଣିଷ ଭଳି ମଣିଷଟିଏ ଗଢ଼ିତୋଳିବାର କାର୍ଯ୍ୟ ଜାରି ରଖିଛନ୍ତି । ଅଧୁନା ଅନେକ ସହରର ଚାକଚକ୍ୟ ମଧ୍ୟରେ ରହି ନିଜର ଗାଁ, ମା, ମାଟି ସାଥି ସହୋଦରକୁ ଭୁଲିଯାନ୍ତି । ଏହାର ବ୍ୟତିକ୍ରମ ସାମନ୍ତ ସାର୍ ସମ୍ମାନସ୍ୱଦ ପଦପଦବୀରେ ଥାଇ, ଅନେକ ଗୁରୁଦାୟିତ୍ୱରେ ଜଡ଼ିତ ଥିଲେ ମଧ୍ୟ ଜନ୍ମମାଟିକୁ ଭଲ ପାଉଥିବା ଦରଦୀ ମଣିଷଟିଏ । ନିଜ ଗାଁରେ ସହରର ସମସ୍ତ ସୁବିଧା, ନିଜର ଗ୍ରାମକୁ ଦେଶର ପ୍ରଥମ ସ୍ମାର୍ଟ ଭିଲେଜ୍ ଭାବେ ଗଢି ତୋଳିବା, ପିଲାମାନେ ଏହି ଗ୍ରାମରେ ପଢିବା ପାଇଁ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସ୍ଥାପନ, ସାଥି ସହକର୍ମୀଙ୍କୁ ଅନାବିଳ ଭାବେ ଭଲପାଇବା, ସେମାନଙ୍କର ଦୁଃଖସୁଖରେ ସାମାଜିକ କାର୍ଯ୍ୟରେ ସାମିଲ ହେବା ତାଙ୍କର ଜନମମାଟିକୁ ଭଲପାଇବାକୁ ସୂଚାଉଛି । ଡଃ. ଅଚ୍ୟୁତ ସାମନ୍ତ ସାର୍ ଜଣେ ବ୍ୟକ୍ତି ନୁହନ୍ତି ଗୋଟିଏ ଅନୁଷ୍ଠାନ । ଏତେଗୁଡିଏ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ସମାୟାନୁବର୍ତ୍ତିତା ତାଙ୍କ ଠାରୁ ଶିକ୍ଷଣୀୟ । କମ୍ କଥାରେ ସାରଗର୍ଭକ କଥା କହି ଅନ୍ୟମାନଙ୍କ ହୃଦୟ ଜିତିଥାନ୍ତି । ସରଳ, ନିରାଡମ୍ବର, ସାଧାରଣ ଜୀବନଚର୍ଯ୍ୟା, ପରକୁ ଆପଣାର କରିବାର ଗୁଣ, ପର ଦୁଃଖରେ ଦୁଃଖୀ ଏହି ବ୍ୟକ୍ତି ଜଣକ ନିଜର ଦାୟୀତ୍ୱବୋଧ, କର୍ତ୍ତବ୍ୟ ପରାୟଣତାରେ ସଦାସର୍ବଦା ତତ୍ପର । ଜଣେ ସମଦର୍ଶୀ ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ, ଦୂରଦ୍ରଷ୍ଟା, ଦିଗ୍‌ଦ୍ରଷ୍ଟା, ସଫଳ ବ୍ୟକ୍ତି ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି । ସମୟ ସ୍ରୋତରେ ଗତିଶୀଳ ହୋଇ ସଫଳତାର ଶୀର୍ଷ ସ୍ପର୍ଶ କରିଥିଲେ ମଧ୍ୟ ଅତୀତକୁ କେବେ ଭୁଲିନାହାନ୍ତି । ଅତୀତ କଥାକୁ ଭୁଲି ନଯାଇ, କୃତଘ୍ନ ନହୋଇ କୃତଜ୍ଞ ରହିବା ପାଇଁ ପରାମର୍ଶ ପ୍ରେରଣାଦାୟୀ । ଏହିଭଳି ଜଣେମହାନ ଗୁରୁ ଡଃ. ଅଚ୍ୟୁତ ସାମନ୍ତ ସାର୍‌ଙ୍କୁ କୋଟି କୋଟି ପ୍ରଣାମ । ଯଥାର୍ଥରେ ଗୁରୁ ଯେ ମଳୟ ପବନ । କାଠକୁ କରନ୍ତି ଚନ୍ଦନ । ଗୁରୁ ଏକ ଆଲୋକବର୍ତ୍ତିକା, ଗୁରୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ।


*ମୋ: ୯୩୩୭୭୭୦୭୭୭*

ମାତୃଭାଷା



# ଟାଟା ମୋଟର୍ସ ୯.୯୯ଲକ୍ଷ ଆରମ୍ଭ ମୂଲ୍ୟରେ ଲଞ୍ଚ କରିଛି ଏହାର ମିଡ-ଏସୟୁଭି କର୍ଭ

**ନୂଆଦିଲ୍ଲୀ:** ଭାରତର ଅଗ୍ରଣୀ ଅଟୋମୋଟିଭ ନିର୍ମାଣକାରୀ ଟାଟା ମୋଟର୍ସ ଆଜି ଗର୍ବର ସହିତ ୯.୯୯ଲକ୍ଷ ପ୍ରାରମ୍ଭିକ ମୂଲ୍ୟରେ ଛାତ ଥିବା ଏସୟୁଭି କାର, ଟାଟା କର୍ଭ'ର ଆରମ୍ଭ ଘୋଷଣା କରିଛି । କମ୍ପାନୀ ପାଇଁ ଏକ ବଡ ମାଇଲଖୁଂଟ□ ହାସଲ କରିବା ଏବଂ ଏକ ଅଭିନବ ତଥା ବ୍ୟାଘାତକାରୀ ପିଣ୍ଡଶୈଳୀରେ ଆଇସିଇ ବିକଳ୍ପ ସହିତ ଦ୍ରୁତତମ ବଢୁଥିବା ମଧ୍ୟମ-ଏସୟୁଭି ସେଗମେଂଟ□ରେ ପ୍ରବେଶ କରି ଟାଟା ମୋଟର୍ସ ଏକ ଏଡଭାନ୍ସଡ ଡୁଆଲ କ୍ଲଚ ଅଟୋମେଟିକ ଟ୍ରାନ୍ସମିସନ ସହିତ ସମସ୍ତ ତିନୋଟି ଇଞ୍ଜିନ ବିକଳ୍ପରେ କର୍ଭ'ର ଲଂଚ□ କରିଛି । ଶକ୍ତିଶାଳୀ ନୂତନ ହାଇପରିଅନ ପ୍ରତ୍ୟକ୍ଷ ଇଞ୍ଜେକ୍ସନ ଇଞ୍ଜିନ, ୧.୨ଏଲ ରେଭଟ୍ରନ ପେଟ୍ରୋଲ ଇଞ୍ଜିନ ଏବଂ ଡିଜେଲରେ ସେଗମେଂଟ□ର ପ୍ରଥମ ଡୁଆଲ କ୍ଲଚ ଟ୍ରାନ୍ସମିସନ ସହିତ ନୂତନ୧.୫ଏଲ କ୍ରାୟୋଜେଟ ଡିଜେଲ ଇଞ୍ଜିନ ସହିତ ଗ୍ରାହକଙ୍କର ଅନନ୍ୟ ଆବଶ୍ୟକତା ପାଇଁ ପ୍ରତ୍ୟେକ ଉପଯୁକ୍ତ ଥିବା ଏକ ଭଲ ମିଶ୍ରଣରୁ ସେମାନେ ଚୟନ କରିବାକୁ କମ୍ପାନୀ ପ୍ରଦାନ କରୁଛି ।



ବକ୍ସି-ଏସୟୁଭି ପିଣ୍ଡଶୈଳୀରେ ପରିପୂର୍ଣ୍ଣ ଏକ ଉଚ୍ଚ ଅଭିବୃଦ୍ଧି ବିଭାଗରେ ଟାଟା ମୋଟର୍ସ ଏହାର ଡିଏନ୍ଏ ଅନୁରୂପ ପ୍ରିମିୟମ ଛାତ ଥିବା ଏସୟୁଭି କାର'ର ପରିକଳ୍ପନାକୁ ଗଣତାନ୍ତ୍ରିକ କରି ବର୍ଗକୁ ବ୍ୟାଘ୍ୟାତ ଦେଇଛି – ଏକ ଅଭିଳାଷିତ ପିଣ୍ଡଶୈଳୀ ଯାହା ବୈଶ୍ୱିକ ସ୍ତରରେ ସ୍ୱୀକୃତିପ୍ରାପ୍ତ । ଶ୍ରେଣୀ-ଶ୍ରେଷ୍ଠ ସୁରକ୍ଷା, ସେଗମେଂଟ□ ପ୍ରଥମ ବୈଶିଷ୍ଟ୍ୟ, ଏକାଧିକ ଏବଂ ଅନନ୍ୟ ପାୱାରଟ୍ରେନ ବିକଳ୍ପ ସହିତ ସେଗମେଂଟରେ କର୍ଭ'ର ଏହାର ଏକ ଅନନ୍ୟ ପ୍ରକାର ଅଟେ । ଗୋଲ୍ଡ, ଏସେନ୍ସ, ଡାଏଟୋନାଗ୍ରେ, ପିଷ୍ଟାଇନ ୱାଇଟ, ଫ୍ଲେମରେଡ, ପ୍ୟୁରଗ୍ରେ ଏବଂ ଅପେରା ବ୍ଲୁ ଆଦି ଛଅଟି ଭିନ୍ନ ଭିନ୍ନ ରଙ୍ଗରେ ଉପଲବ୍ଧ ଟାଟା କର୍ଭ ଏକମ୍ପ୍ଲିସଡ, କ୍ରିଏଟିଭ, ପ୍ୟୁର ଏବଂ ସ୍ମାର୍ଟପର୍ସନାସ'ରେ ଯଚାଯିବ । ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ଲିମିଟେଡ ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୈଳେଶ ଚନ୍ଦ୍ରାଙ୍କ ଅନୁସାରେ, "ଟାଟା କର୍ଭ'ର ଶୁଭାରମ୍ଭ ଅଟୋମୋଟିଭ ଉତ୍କର୍ଷତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ଅଟେ କାରଣ ବର୍ତ୍ତମାନ ସୁଦ୍ଧା ବୈଶ୍ୱିକ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏବଂ କେବଳ ପ୍ରିମିୟମ ବର୍ଗରେ ଉପଲବ୍ଧ ଥିବା କର୍ଭ ଭାରତକୁ ଏକ ନୂତନ ଛାତ ଥିବା ଏସୟୁଭି କାର ପିଣ୍ଡଷ୍ଟାଇଲ ଦେଇଛି । ସର୍ବଦା ସେଗମେଂଟ□ ପରିଭାଷିତ ଉତ୍ପାଦ ପରିଚୟ କରିବାରେ ଆମର ଡିଏନ୍ଏ ଅନୁରୂପ କର୍ଭ ବର୍ତ୍ତମାନ ମିଡ-ଏସୟୁଭି ବିଭାଗରେ ସବୁଠାରୁ ଅନନ୍ୟ ଯାଚନା ଅଟେ ଏବଂ ପରିକଳ୍ପନା ଓ ଟେକ୍ନୋଲୋଜିରେ ନବୀକରଣ ପାଇଁ ଆମର ପ୍ରତିବଦ୍ଧତାକୁ ସଫଳତାର ସହିତ ରୂପ ଦେଇଥାଏ । ନିକଟରେ ଲଂଚ □ ହୋଇଥିବା କର୍ଭ. ଇଭି ଏକ ଭଲ ପ୍ରତିକ୍ରିୟା ପାଇଛି ଏବଂ ଯଚା ଯାଇଥିବା ବ୍ୟୟବହୁଳ ଉତ୍କୃଷ୍ଟ ଗୁଣାତ୍ମକ ବୈଶିଷ୍ଟ୍ୟ ସହିତ ଏହାର ପରିକଳ୍ପନା ଏବଂ ଶୈଳୀ ଦ୍ୱାରା ଗ୍ରାହକମାନେ ଆକର୍ଷିତ ହୋଇଛନ୍ତି । ଅଧିକନ୍ତୁ ଉଦ୍ୟୋଗରେ ପ୍ରଥମ ଥର ପାଇଁ ଇଭି ଏବଂ ଆଇସିଇ ମୂଲ୍ୟ ସମାନତା ମଧ୍ୟ ସେମାନଙ୍କର ଭାବବେଗକୁ ସକରାତ୍ମକ ଭାବରେ ପ୍ରଭାବିତ କରିଛି । କର୍ଭ'ର ପରିଚୟ ଆମର ଏସୟୁଭି ପୋର୍ଟଫୋଲିଓକୁ ଏକାଧିକ ପାୱାରଟ୍ରେନ, ଅନେକ ସେଗମେଂଟ□ ପ୍ରଥମ ବୈଶିଷ୍ଟ୍ୟ, ଏକ ସମ୍ପୂର୍ଣ୍ଣ ନୂତନ ଦକ୍ଷ ସ୍ଥାପତ୍ୟ –ଆଟଲାସ ଏବଂ ସ୍ତର ୨ଆଡାସ ସହିତ ଏକ ବିସ୍ତୃତ ମିଡ – ଏସୟୁଭି ଉତ୍ପାଦ ଭାବରେ ବଢାଇଥାଏ । ପେକିଜ'କୁ ଆକର୍ଷକ କରିବାକୁ ସମସ୍ତ ଗ୍ରାହକ ଆବଶ୍ୟକତା ପାଇଁ ଦୁର୍ବାର କରି ଆମେ ସମସ୍ତ ପ୍ରକାରରେ କର୍ଭ'କୁ ଅତି ଆକର୍ଷଣୀୟ ଭାବରେ ମୂଲ୍ୟାଙ୍କନ କରିଛୁ । ଆଜି ଏହି କାରକୁ ବଜାରକୁ ଲଂଚ କରିବାକୁ ଆମେ ଉତ୍ସାହିତ ଏବଂ ଆମର ଗ୍ରାହକ ମାନେ ଏହି ଭିନ୍ନ ଭିନ୍ନ ଯାଚନାକୁ ଉପଭୋଗ କରିବେ ବୋଲି ଆମର ବିଶ୍ୱାସ ରହିଛି ।"

ଟାଟା କର୍ଭ କେବଳ ଏକ ଯାନ ନୁହେଁ ବରଂ ଆଧୁନିକ ଡ୍ରାଇଭରର ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟି ଦେଉଥିବା ସଫଳତା, ଶୈଳୀ ଏବଂ ବିଳାସର ଏକ ପ୍ରତୀକ । 'ଆଶ୍ଚର୍ଯ୍ୟ ଚକିତ କରିବା', 'ଭବ୍ୟ କରିବା', 'ପ୍ରଦର୍ଶନ କରିବା', 'ଅଭିନବ ପ୍ରାଦ୍ୟୋଗୀକି କରିବା' ଏବଂ 'ସଂପୂର୍ଣ୍ଣ ସୁରକ୍ଷା କରିବା' ଆଦି ପାଂଚଟି ପ୍ରମୁଖ ସ୍ତମ୍ଭ ଉପରେ ନିର୍ମିତ କର୍ଭ ବ୍ୟାପକ ପରିସରର ଉତ୍ପାଦ ଯାଚନା ସହିତ ଭାରତର ସର୍ବାଧିକ ଶକ୍ତିଶାଳୀ ଏସୟୁଭି ନିର୍ମାତା ଭାବେ ଟାଟା ମୋଟର୍ସ'ର ସ୍ଥିତିକୁ ସୁଦୃଢ କରିବାକୁ ପ୍ରସ୍ତୁତ ହୋଇଛି । ଅଭିନବ ପର୍ସନା ରଣନୀତି ଅନୁସରଣ କରି ପ୍ରତ୍ୟେକ ପର୍ସନା'କୁ ଏହାର ବିବିଧ ଦର୍ଶକଙ୍କ ଅନନ୍ୟ ପସନ୍ଦ ଏବଂ ଜୀବନ ଶୈଳୀକୁ ଧ୍ୟାନରେ ରଖି ସୁଚିନ୍ତିତ ଭାବରେ ସଜ୍ଜିତକ ରାଯାଇଛି । ଏହି ସମସ୍ତ ପର୍ସନା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ କର୍ଭ ଚୟନ କରିବାକୁ ଅନୁମତି ଦିଅନ୍ତି ଯାହା ପ୍ରକୃତରେ ସେମାନଙ୍କର ବ୍ୟକ୍ତିଗତ ଶୈଳୀ ଏବଂ ଡ୍ରାଇଭିଙ୍ଗ ଅଭୀଳାଷ ସହିତ ଉପଯୁକ୍ତ ଭାବେ ପ୍ରତିରୂପିତ ଅଟେ ।

## ଆକ୍ସିସ ବ୍ୟାଙ୍କ ପକ୍ଷରୁ ଖୁଚୁରା ଓ ପାଇକାରୀ ବ୍ୟାଙ୍କିଙ୍ଗ ବ୍ୟବସାୟ ପାଇଁ ଦୁଇ ଅଭିନବ ଡିଜିଟାଲ ସମାଧାନର ଶୁଭାରମ୍ଭ

**ଭୁବନେଶ୍ୱର:** ଭାରତର ଅନ୍ୟତମ ବୃହତମ ଘରୋଇ ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ପକ୍ଷରୁ ନିକଟରେ ଆୟୋଜିତ ଜିଏଫ୍ଏଫ୍ କାର୍ଯ୍ୟକ୍ରମରେ ଦୁଇଟି ଅଭିନବ ତଥା ଶିଳ୍ପ-ପ୍ରଥମ ଡିଜିଟାଲ ସମାଧାନ ଆରମ୍ଭ କରାଯାଇଛି । କାର୍ଡବିହୀନ ନଗଦ ଉଠାଣ ଏବଂ ଜମା ପାଇଁ ବ୍ୟାଙ୍କ ୟୁନିଫାଏଡ୍ ପେମେଂଟ ଇଂଟରଫେସ୍ (ୟୁପିଆଇ) ପ୍ରଯୁକ୍ତି ସହିତ ଏକ ସମନ୍ୱିତ ଆଣ୍ଡ୍ରଏଡ୍ କ୍ୟାସ୍ ରିସାଇକ୍ଲର 'ୟୁପିଆଇ-ଏଟିଏମ୍' ଆରମ୍ଭ କରିଛି । ଏନପିସିଆଇର ଭାରତ ବିଲପେ ଲିମିଟେଡ (ଏନବିବିଏଲ୍) ସହ ସହଭାଗିତାରେ 'ଭାରତ କନେକ୍ଟ (ପୂର୍ବ ବିବିପିଏସ) ଫର୍ ବିଜନେସ' ମଧ୍ୟ ଆରମ୍ଭ କରାଯାଇଛି । ଏହା ଦ୍ୱାରା ଯୋଗାଣ ଶୃଙ୍ଖଳାର ବିଭିନ୍ନ ପର୍ଯ୍ୟାୟରେ ବ୍ୟବସାୟଗୁଡିକ ସେମାନଙ୍କର କାର୍ଯ୍ୟକାରୀ ପୁଂଜି ଆବଶ୍ୟକତାକୁ ଦକ୍ଷତାର ସହ ପରିଚାଳନା କରିପାରିବେ ଏବଂ ଖାତା ପ୍ରାପ୍ୟ ଓ ଦେୟକୁ ବ୍ୟବସ୍ଥିତ କରିବା ପାଇଁ ଏକ ବ୍ୟାପକ ସମାଧାନ ପ୍ରଦାନ କରିପାରିବେ ।

ଆକ୍ସିସ ବ୍ୟାଙ୍କ ଭାରତର ପ୍ରଥମ ଘରୋଇ କ୍ଷେତ୍ରର ବ୍ୟାଙ୍କ ଭାବେ ଏକ ଅତ୍ୟାଧୁନିକ ନଗଦ ରିସାଇକ୍ଲର ପ୍ରଦର୍ଶନ କରିଛି ଯାହା ଆଣ୍ଡ୍ରଏଡ ପ୍ରଯୁକ୍ତି ବ୍ୟବହାର କରି ଏକ ସହଜ ଏବଂ ଗ୍ରାହକ ଅନୁକୂଳ ଅନୁଭୂତି ପ୍ରଦାନ କରୁଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଉପଭୋକ୍ତା-କେନ୍ଦ୍ରୀକ ଡିଜାଇନ୍ ସହିତ ଆଣ୍ଡ୍ରଏଡ୍ କ୍ୟାସ୍ ରିସାଇକ୍ଲର୍ ଗ୍ରାହକମାନଙ୍କୁ କୌଣସି ୟୁପିଆଇ-ସକ୍ଷମ ଆପ୍ଲିକେସନ୍ ବ୍ୟବହାର କରି ଉଭୟ ଇଣ୍ଟରଅପରେବଲ୍ କାର୍ଡଲେସ୍ ନଗଦ ଜମା (ଆଇସିଡି) ଏବଂ ଇଣ୍ଟରଅପରେବଲ୍ କାର୍ଡଲେସ୍ ନଗଦ ଉଠାଣ (ଆଇସିସିଡବ୍ଲ୍ୟୁ) କାରବାର କରିବାକୁ ସକ୍ଷମ କରିବ । ଆଣ୍ଡ୍ରଏଡ୍ କ୍ୟାସ୍ ରିସାଇକ୍ଲର ଗୋଟିଏ ପ୍ଲାଟଫର୍ମରେ ଖାତା ଖୋଲିବା, କ୍ରେଡିଟ୍ କାର୍ଡ ପ୍ରଦାନ, ଜମା, ଋଣ, ବିଦେଶୀ ମୁଦ୍ରା, ଫାସଟ୍ୟାଗ ଆଦି ବ୍ୟାପକ ସେବା ପ୍ରଦାନ କରିବ । ଅପରପକ୍ଷରେ, ଭାରତ କନେକ୍ଟର ପ୍ରଚଳନ ଶେଷ ମାଇଲ୍ ପର୍ଯ୍ୟନ୍ତ ପାଣ୍ଠିର ପ୍ରବାହକୁ ସୁଗମ ଏବଂ ଡିଜିଟାଇଜ୍ କରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବ । ଏହା ଦ୍ୱାରା ସଂସ୍ଥାଗୁଡ଼ିକ ଅଧିକ ଦକ୍ଷ ଢଙ୍ଗରେ ଇନଭଏସ୍ ଆଧାରିତ ଫାଇନାନ୍ସିଂ ମାଧ୍ୟମରେ ସହଯୋଗୀ ଯୋଡ଼ିବା, ବରାଦ (ପିଓ ଏବଂ ଇନଭଏସିଂ), ଦେୟ, କାର୍ଯ୍ୟକାରୀ ପୁଂଜି ପରିଚାଳନା କରିବାରେ ସକ୍ଷମ ହେବେ ।

## ପିରାମଲ୍ ଫାଇନାନ୍ସ ପକ୍ଷରୁ ସହ-ଋଣ ବ୍ୟବସାୟ ପାଇଁ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ସହଯୋଗିତା



**ଭୁବନେଶ୍ୱର:** ପିରାମଲ୍ ଏଂଟରପ୍ରାଇଜେସ୍ ଲିମିଟେଡ୍‌ର ସହାୟକ ସଂସ୍ଥା ପିରାମଲ୍ କ୍ୟାପିଟାଲ୍ ଆଣ୍ଡ ହାଉସିଂ ଫାଇନାନ୍ସ ପକ୍ଷରୁ ସହ-ଋଣ ବ୍ୟବସାୟ ପାଇଁ ସେଂଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ସହଯୋଗିତା ସ୍ଥାପନ କରାଯାଇଛି । ଏହି ସହଯୋଗିତା ଜରିଆରେ ଗ୍ରାମାଂଚଳ ଓ ଅର୍ଦ୍ଧ ସହରାଂଚଳରେ ବାସ କରୁଥିବା ମଧ୍ୟମ ଓ ନିମ୍ନ ଆୟବର୍ଗର ଗ୍ରାହକଙ୍କୁ ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ଏକ ନିରବଚ୍ଛିନ୍ନ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଲାଗି ଏହି ସହଯୋଗିତାରେ ସେଂଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବ୍ୟାପକ ଶାଖା ନେଟ୍‌ୱର୍କ ଓ ପିରାମଲ ଫାଇନାନ୍ସର ହାଇଟେକ୍ ଓ ହାଇଟଚ୍ ରଣନୀତିକୁ ବ୍ୟବହାର କରାଯିବ । ପିରାମଲ୍ ଫାଇନାନ୍ସର ୨୬ଟି ରାଜ୍ୟର ୬୦୦ରୁ ଅଧିକ ଜିଲ୍ଲାରେ୫୦୦ରୁ ଅଧିକ ନେଟ୍‌ୱର୍କ ରହିଥିବା ବେଳେ ଏହି ସହଯୋଗିତାରେ ଆର୍ଥିକ ଅନଷ୍ଠାନରୁ ଋଣ ପାଉନଥିବା ଗ୍ରାହକମାନଙ୍କୁ ପ୍ରତିଯୋଗିତାପୂର୍ଣ୍ଣ ସୁଧ ହାରରେ ଓ ସୁହାଇବା ଭଳି ଋଣ ସମାଧାନ ପ୍ରଦାନ କରାଯିବ ।

ପିରାମଲ୍ କ୍ୟାପିଟାଲ୍ ଆଣ୍ଡ ହାଉସିଂ ଫାଇନାନ୍ସ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଜୟରାମ ଶ୍ରୀଧରନ କହିଛନ୍ତି ଯେ, "ଭାରତର ଅନ୍ୟତମ ସବୁଠୁ ପୁରୁଣା ଓ ବିଶ୍ୱାସନୀୟ ଆର୍ଥିକ ଅନୁଷ୍ଠାନ ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଆମର ସହ-ଋଣ ସହଯୋଗିତା ସ୍ଥାପନ କରି ଆମେ ଉଲ୍ଲସିତ । ଅନଗ୍ରସର ବର୍ଗଙ୍କ ପାଖରେ ସଂଗଠିତ ଋଣ ପହଂଚାଇବା ଲାଗି ରହିଥିବା ମିଳିତ ପ୍ରତିବଦ୍ଧତାକୁ ଏହି ସହଯୋଗିତା ଦର୍ଶାଉଛି । ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ୟାପକ ନେଟ୍‌ୱର୍କ ସହିତ ପିରାମଲର ଦୃଢ଼ ଉପସ୍ଥିତିକୁ ବ୍ୟବହାର କରି ସାରା ଭାରତର ଭୌଗୋଳିକ ଅଂଚଳରେ ବ୍ୟାପକ ଭାବେ ପହଂଚିବାକୁ ଆମେ ପ୍ରସ୍ତୁତ ରହିଛୁ । ମିଳିତ ଭାବେ ଆମର ଲକ୍ଷ୍ୟ ହେଉଛି ସଂଗଠିତ ଋଣ ପହଂଚାଇବାରେ ଉନ୍ନତି ଆଣିବା, ଅଭିବୃଦ୍ଧି ବଢ଼ାଇବା ଓ ସାରା ଭାରତର ଗ୍ରାହକଙ୍କ ଅଭିଳାଷକୁ ସମର୍ଥନ ପ୍ରଦାନ କରିବା ।''

ଆୟର ପ୍ରମାଣ ଜନିତ ଆବଶ୍ୟକ କାଗଜପତ୍ର ଅଭାବରୁ ସଂଗଠିତ କ୍ଷେତ୍ରରୁ ଋଣ ପାଇବାରେ ଅସୁବିଧା ସାମ୍ନା କରୁଥିବା ଅଣ ସଂଗଠିତ କ୍ଷେତ୍ରର ସ୍ୱାବଲମ୍ବୀ ଓ ବେତନଭୋଗୀ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ହେଉଛି ଏହି ସହଯୋଗିତାର ଲକ୍ଷ୍ୟ । ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପିରାମଲ ଫାଇନାନ୍ସର ମିଳିତ ବିଶେଷତା ଓ ଉପସ୍ଥିତି ଏମ୍ଏସ୍ଏମ୍ଇ ଓ ଗୃହ ଋଣ ଗ୍ରାହକମାନେ ସାମ୍ନା କରୁଥିବା ଋଣ ଅନ୍ତରକୁ ଦୂର କରିବ । ୧.୩ ନିୟୁତ ସକ୍ରିୟ ଗ୍ରାହକଙ୍କୁ ସେବା ପ୍ରଦାନ କରିବାରେ ପିରାମଲ ଫାଇନାନ୍ସର ଥିବା ପ୍ରମାଣିତ ଟ୍ରାକ୍ ରେର୍ଡ ଭାରତର ଅନଗ୍ରସରଙ୍କୁ ଋଣ ପ୍ରଦାନ କରିବାର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ଏସବିଆଇ ପକ୍ଷରୁ ସହଜ ଯାତାୟତ ପାଇଁ ଅଭିନବ ସେବା ପ୍ରଦାନ

**ଭୁବନେଶ୍ୱର:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ସାରା ଭାରତରେ ଗମାନଗମନାରେ ବୈପ୍ଲବିକ ପରିବର୍ତନ ଆଣିବା ପାଇଁ ଅଭିନବ ସମାଧାନ ପ୍ରଦାନ କରାଯାଇଛି । ଭାରତର ପ୍ରଥମ ଏମ୍‌ଟିଏସ୍ କାର୍ଡ ଭାବେ ଏମ୍‌ଟିଏସ୍ ରୁପେ ଏନସିଏମସି ପ୍ରିପେଡ୍ କାର୍ଡକୁ ଏନ୍‌ସିଏମ୍‌ସିର ପରିବହନ ପ୍ରକଳ୍ପଗୁଡ଼ିକରେ ଯାତାୟତ ପାଇଁ ନିରବଚ୍ଛିନ୍ନ ଅଫଲାଇନ୍ ପେମେଂଟ୍ କରିବା ଲାଗି ପ୍ରସ୍ତୁତ କରାଯାଇଛି । ଏହି ପ୍ରିପେଡ୍ କାର୍ଡକୁ ଏନ୍‌ସିଏମ୍‌ସିର ମେଟ୍ରୋ ରେଲ, ବସ୍, ଫେରି, ଟୋଲ ଓ ପାର୍କିଂରେ ଏହାକୁ ବ୍ୟବହାର କରାଯାଇପାରିବ । ଅନ୍ୟ ଏକ ସମାଧାନ ଭାବେ ୱାନ୍‌ଭିଉ ମୋବାଇଲ୍ ଆପ୍ଲିକେସ୍‌ନ ଯାହାକୁ ଏସବିଆଇର ଏନ୍‌ସିଏମ୍‌ସି ପ୍ରିପେଡ୍ କାର୍ଡ ପରିଚାଳନା ପାଇଁ ଲାଗି ପ୍ରସ୍ତୁତ କରାଯାଇଛି । ଏହା ଜରିଆରେ ଗ୍ରାହକମାନେ ଗୋଟିଏ ପ୍ଲାଟଫର୍ମରେ ନିଜ କାର୍ଡ ଉପରେ ନଜର ରଖିବା ସହ ତାହାକୁ ପରିଚାଳନା କରିପାରିବେ । ସେହିପରି ଅନ୍ୟ ଏକ ସମାଧାନ ଭାବେ ଏସବିଆଇ ଫାଷ୍ଟଟ୍ୟାଗ୍ ପାଇଁ ଉନ୍ନତ ଡିଜାଇନ୍, ଯେଉଁଥିରେ ଗାଡ଼ି ପରିଚୟ ଓ ଟୋଲ୍ ସଂଗ୍ରହ ଦକ୍ଷତାରେ ଉନ୍ନତି ଅଣାଯାଇଛି । ଏହା ସାରା ଦେଶରେ ପରିବହନ ସମୟ କମ୍ କରିବାରେ ସହାୟକ ହେବ । ଏ ସମ୍ପର୍କରେ ଷ୍ଟେଟ୍ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀ ଚାଲା ଶ୍ରୀନିବାସୁଲୁ ସେଟ୍ଟି କହିଛନ୍ତି ଯେ, "ଦେଶର ପ୍ରଥମ ଏମ୍‌ଟିଏସ୍ କାର୍ଡ, ୱାନ୍‌ଭିଉ ମୋବାଇଲ୍ ଆପ୍ଲିକେସନ୍ ଓ ନୂତନ ଡିଜାଇନ୍ ଏସବିଆଇ ଫାଷ୍ଟଟ୍ୟାଗ୍‌ର ଶୁଭାରମ୍ଭ ଡିଜିଟାଲ୍ ସମାଧାନରେ ଏସବିଆଇର ନେତୃତ୍ୱ ଓ ସାର୍ବଜନୀନ ପରିବହନରେ ଉନ୍ନତି ଆଣିବା ପାଇଁ ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ନବସୃଜନଗୁଡ଼ିକୁ ଉପସ୍ଥାପନ କରି ଆମେ ଗର୍ବିତ ଯାହା ଆମ ଗ୍ରାହକମାନଙ୍କ ପାଇଁ ସୁବିଧା, ନିରାପତା ଓ ଦକ୍ଷତାରେ ଉନ୍ନତି ଆଣିବ ।" ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏମ୍‌ଡି ବିନୟ ଏମ୍ ଟୋନ୍‌ସେ କହିଛନ୍ତି ଯେ, "ଏକ ଅଧିକ ସଂଯୋଗଭିତିକ ଓ ଦକ୍ଷ ଆର୍ଥିକ ବ୍ୟବସ୍ଥା ଗଠନ କରିବାରେ ପ୍ରଯୁକ୍ତିକୁ ବ୍ୟବହାର କରିବା ଲାଗି ଏସବିଆଇର ପ୍ରତିବଦ୍ଧତାକୁ ଏହି ଅଭିଯାନଗୁଡ଼ିକ ଦର୍ଶାଉଛି । ଆମ ଗ୍ରାହକମାନଙ୍କ ବିବିଧତା ଆବଶ୍ୟକତା ପୂରଣ କରିବା ଲାଗି ଆମେ ନିରନ୍ତର ଭାବେ ସେବା ଉପସ୍ଥାପନ କରୁଛୁ ଏବଂ ସେଗୁଡ଼ିକର ସକାରାତ୍ମକ ପ୍ରଭାବକୁ ନେଇ ଆଶାବାଦୀ ରହିଛୁ ।" ଏସବିଆଇର ଡିଏମ୍‌ଡି-ଟ୍ରାଙ୍କାସନ ବ୍ୟାଙ୍କିଙ୍ଗ ଆଣ୍ଡ ନିଉ ଇନିସିଏଟିଭ୍ ମହେଶ କୁମାର ଶର୍ମା କହିଛନ୍ତି ଯେ, "ଏକ ଡିଜିଟାଲ୍ ସେବା ପ୍ରଦାନକାରୀ ଭାବେ ଭାରତରେ ନିରନ୍ତର ନବସୃଜନ ଓ ଡିଜିଟାଲ ସମାଧାନ ବଢ଼ାଇବା ପାଇଁ ଏସବିଆଇ ପ୍ରତିବଦ୍ଧ ରହିଛି । ବିନା ଭେରିଫିକେସନରେ ଦେଶର ପ୍ରଥମ ଏମଟିଏସ୍ କାର୍ଡ ସହିତ କେୱାଇସି ଯାଂଚ ପ୍ରଦାନ କରାଯାଉଛି ଯାହା ଗ୍ରାହକମାନଙ୍କୁ ବସ୍ କାଉଂଟର କିମ୍ବା ମେଟ୍ରୋ ପରିଦର୍ଶନ ନକରି ସହଜରେ ଟପ୍ ଅପ୍ କରିବାକୁ ସକ୍ଷମ କରିଛି । ଏସବିଆଇର ଡିଜିଟାଲ ପେମେଂଟ୍ ସେବା ଜରିଆରେ ନାଗରିକମାନଙ୍କୁ ସଶକ୍ତ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ ଯାହା ଭାରତରେ ଡିଜିଟାଲ୍ ଆର୍ଥିକ ଅର୍ନ୍ତଭୁକ୍ତୀ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ।"



## ଟିଭିଏସ ମୋଟର ପକ୍ଷରୁ ନୂଆ ଟିଭିଏସ ଜୁପିଟର ୧୧୦ ଉନ୍ମୋଚିତ

### ଅତୁଳନୀୟ ଡିଜାଇନ, ଉନ୍ନତ ପ୍ରଦର୍ଶନ ସାଙ୍ଗକୁ ଅନ୍ୟ ସୁବିଧାସୁଯୋଗ

ଭୁବନେଶ୍ୱର: ଦୁଇଚକିଆ ଓ ତିନିଚକିଆ ଯାନ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଅଟୋମୋବାଇଲ ନିର୍ମାତା ଟିଭିଏସ ମୋଟର କଂପାନି ପକ୍ଷରୁ ସମ୍ପୂର୍ଣ୍ଣ ନୂଆ ଟିଭିଏସ ଜୁପିଟର ୧୧୦ ଉନ୍ମୋଚନ କରାଯାଇଛି । ଏହି ସ୍କୁଟରରେ ନୂଆ ପିଢ଼ିର ଇଂଜିନ ଓ ଶିଳ୍ପର ଅନେକ ପ୍ରଥମ ତଥା ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ବହୁ ସୁବିଧାସୁଯୋଗ ରହିଛି । ଏଥିରେ ରହିଛି ଅତୁଳନୀୟ ଡିଜାଇନ, ଦମଦାର ପ୍ରଦର୍ଶନ, ଅଧିକ ମାଇଲେଜ, ଆଧୁନିକ ପ୍ରଯୁକ୍ତି, ଆରାମ ଓ ସୁରକ୍ଷା ସହ ଅନ୍ୟ ସୁବିଧାସୁଯୋଗ ।

ଟିଭିଏସ ଜୁପିଟର ଏକ ଅତୁଟ ବନ୍ଧୁ ହୋଇରହିଛି ଏବଂ ଏହା ୬.୫ ନିୟୁତ ଗ୍ରାହକଙ୍କ ବିବିଧ ଆବଶ୍ୟକତା ପୂରଣ କରୁଛି ।

ଏହାର ଉନ୍ମୋଚନ ଅବସରରେ ଟିଭିଏସ ମୋଟର କଂପାନିର ବରିଷ୍ଠ ଉପସଭାପତି ତଥା କମ୍ୟୁଟର ବିଜନେସ ଏବଂ କର୍ପୋରେଟ ବ୍ରାଣ୍ଡ ଓ ମିଡିଆ ମୁଖ୍ୟ ଶ୍ରୀ ଅନିରୁଦ୍ଧ ହାଲଦାର କହିଛନ୍ତି ଯେ, "ଗତ ଦଶନ୍ଧିରେ ଟିଭିଏସ ମୋଟରର ସ୍କୁଟର ପୋର୍ଟଫାଲିଓରେ ଟିଭିଏସ ଜୁପିଟର ୧୧୦ ଅଗ୍ରୀମ ସ୍ଥାନ ଅଧିକାର କରିଛି । କିଛି ବର୍ଷ ମଧ୍ୟରେ ୬.୫ ନିୟୁତ ପରିବାର ଏହା ଉପରେ ଭରସା ପ୍ରକଟ କରିଛନ୍ତି, ଯାହା ଏହାକୁ ଭାରତର ଅନ୍ୟତମ ବୃହତ ଅଟୋମୋଟିଭ ବ୍ରାଣ୍ଡରେ ପରିଣତ କରିଛି । ସମ୍ପୂର୍ଣ୍ଣ ନୂଆ ଟିଭିଏସ ଜୁପିଟରରେ 'ଜ୍ୟାଦା କା ଫାଏଦା'ର ମୂଳମନ୍ତ୍ରକୁ ଆହୁରି ଦୃଢ଼ କରାଯାଇଛି । ଆବଶ୍ୟକତା ଅନୁସାରେ ଟର୍କ ପ୍ରଦାନ ସହିତ ଉନ୍ନତ ଇନ୍ଧନ ମିତବ୍ୟୟିତା ଏବଂ ବ୍ୟବହାର କରିବା ଲାଗି ଅଧିକ ସ୍ଥାନ ତଥା ସମସାମୟିକ ଡିଜାଇନ, ଏହି ସ୍କୁଟର ନିଜ ପାଇଁ ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହି ଉତ୍କୃଷ୍ଟ ଉପସ୍ଥାପନା ଗ୍ରାହକମାନଙ୍କୁ ଉଲ୍ଲସିତ କରିବ ଏବଂ ଟିଭିଏସ ଜୁପିଟର ପାଇଁ ଭଲ ପାଇବା ସୃଷ୍ଟି କରିବ ।"



ଟିଭିଏସ ଜୁପିଟର ୧୧୦ରେ ରହିଛି ୧୧୩.୩ ସିସି, ସିଙ୍ଗଲ ସିଲିଣ୍ଡର, ୪ ଷ୍ଟ୍ରୋକ ଇଂଜିନ ଯାହା ୫.୯ କିଲୋୱାଟ ଶକ୍ତି ଓ ୯.୮ ଏନଏମ ଟର୍କ ଉତ୍ପନ୍ନ କରୁଛି । ଆଇ-ଗୋ ଆସିଷ୍ଟ ପ୍ରଯୁକ୍ତି ପାଇଁ ଏହାର ପୂର୍ବ ମଡେଲ ତୁଳନାରେ ଏଥିରେ ମାଇଲେଜରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି । ଏଥିରେ ଇଂଟେଲିଜେଂଟ ଇଗ୍ନିସନ ଓ ସ୍ୱୟଂକ୍ରିୟ ଷ୍ଟାର୍ଟ-ଷ୍ଟପ ସୁବିଧା ଓ ଇଂଟିଗ୍ରେଟେଡ ଷ୍ଟାର୍ଟର ଜେନେରେଟର ଭଳି ସୁବିଧା ରହିଛି । ଏହାର ସାମ୍ନାରେ ବଡ଼ ଇନ୍ଧନ ଟାଙ୍କି, ଲମ୍ବା ସିଟ, ଗୋଡ଼ ରଖିବା ଲାଗି ଅଧିକ ସଥାନ ଓ ବଡି ବାଲାନ୍ସ ପ୍ରଯୁକ୍ତି ଆରାମକୁ ବଢ଼ାଉଥିବା ବେଳେ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଏଥିରେ ଦୁଇଟି ହେଲମେଟ ରଖିବା ପାଇଁ ସ୍ଥାନ, ମେଟାଲ ମ୍ୟାକ୍ସ ବଡି, ଫଲୋ ମି ହେଡଲ୍ୟାମ୍ପ, ଟର୍ଣ୍ଣ ସିଗନାଲ ଲ୍ୟାମ୍ପ ରେଷ୍ଟ, ଜରୁରୀକାଳୀନ ବ୍ରେକିଂ ପାଇଁ ସତର୍କ ସୂଚନା ଆଦି ରହିଛି ।

ସେହିପରି ଟିଭିଏସ ଜୁପିଟର ୧୧୦ର ଅନ୍ୟତମ ସୁବିଧାଗୁଡ଼ିକ ହେଉଛି ସମ୍ପୂର୍ଣ୍ଣ ଡିଜିଟାଲ ବ୍ଲୁ ଟୁଥ୍ ସକ୍ଷମ କ୍ଲଷ୍ଟର ଯେଉଁଥିରେ କଲ ଓ ଏସଏମଏସ ସୁବିଧା, ସ୍ୱର ଜରିଆରେ ନାଭିଗେସନ, ଫାଇଣ୍ଡ ମାଇଁ ଭେଇକିଲ, ୟୁଏସବି ମୋବାଇଲ ଚାର୍ଜର ଭଳି ସୁବିଧା ରହିଛି । ମୋଟରସାଇକଲ ଭଳି ଏଥିରେ ସାମ୍ନା ଟେଲିସ୍କୋପିକ ସସପେନସନ ଓ ୯୦/୯୦-୧୨ ଇଂଚ ଟାୟାର ରହିଛି । ସ୍କୁଟରକୁ ଏଗ୍ରୋନୋମିକ ଡିଜାଇନ ପ୍ରଦାନ କରାଯାଇଛି ଯାହାର ହାଣ୍ଡେଲ ବାର, ଫ୍ଲୋରବୋର୍ଡ, ସିଟର ଉଚ୍ଚତା, ଏଭଳି ଭାବେ ରଖାଯାଇଛି ଯେକୌଣସି ଉଚ୍ଚତା ଓ ଲିଙ୍ଗର ଚାଳକଙ୍କୁ ଆରାମ ପ୍ରଦାନ କରିବ । ପିଆନୋ ବ୍ଲାକ ଫିନିସ ଓ ସିଗ୍ନେଚର ଇନଫିନିଟି ଲାଇଟ ଏହାକୁ ସମ୍ଭ୍ରାନ୍ତ ଛାପ ପ୍ରଦାନ କରୁଛି ।

ଅତି ଯତ୍ନ ସହକାରେ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭିଏସ ଜୁପିଟର ୧୧୦ ଡନ ବ୍ଲୁ ମ୍ୟାଟ, ଗାଲାଟିକ କପର ମ୍ୟାଟ, ଟାଇଟାନିୟମ ଗ୍ରେ ମ୍ୟାଟ, ଷ୍ଟାରଲାଇଟ ବ୍ଲୁ ମ୍ୟାଟ, ଲୁନାର ହ୍ୱାଇଟ ଗ୍ଲସ ଓ ମେଟେଓର ରେଡ ଗ୍ଲସ ରଙ୍ଗରେ ଉପଲବ୍ଧ ହୋଇଛି । ଏହାର ଏକ୍ସ ସୋ'ରୁମ ଦାମ ଓଡ଼ିଶାରେ ୭୮,୬୦୦ ଟଙ୍କାରୁ ଆରମ୍ଭ ହୋଇଛି । ଏହି ସ୍କୁଟର ଡ୍ରମ, ଡ୍ରମ ଆଲୟ, ଡ୍ରମ ଏସଏକ୍ସସି ଓ ଡିସ୍କ ଏସଏକ୍ସସି ଭଳି ଚାରିଟି ଭାରିଅଂଟରେ ଉପଲବ୍ଧ ହୋଇଛି ।

## ସାମସଙ୍ଗ ଘୋଷଣା କଲା ଅତ୍ୟାଧୁନିକ ବିଶେଷତ୍ୱ ଯୁକ୍ତ ବେସପୋକ ଏଆଇ ଡ଼ବଲ ଡ଼ୋର ରେଫ୍ରିଜିରେଟର ଶୃଙ୍ଖଳ

**ନୂଆଦିଲ୍ଲୀ:** ସାମସଙ୍ଗ, ଭାରତର ଏକ ଅଗ୍ରଣୀ ବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଭାରତରେ ଏହାର ନୂତନ ସେବପୋକ ଏଆଇ ଡ଼ବଲ ଡ଼ୋର ଯୁକ୍ତ ରେଫ୍ରିଜିରେଟରର ଅନାବରଣ କରିଛି । ଭାରତୀୟ ଗ୍ରାହକମାନଙ୍କ ଆବଶ୍ୟକୀୟତାକୁ ପୂରଣ କରିବା ଲକ୍ଷ୍ୟ ନେଇ ବେସପୋକ ଗଠନ ପ୍ରଣାଳୀ ସହିତ ଏଥିରେ ଅନ୍ୟ ଯେଉଁସବୁ ଅତ୍ୟାଧୁନିକ ବିଶେଷତ୍ୱ ରହିଛି ସେଗୁଡ଼ିକ ହେଲା, ଏଆଇ ଏନର୍ଜି ମୋଡ଼ ସ୍ମାର୍ଟ ଥିଙ୍ଗ, ସ୍ମାର୍ଟ ଥିଙ୍ଗ ହୋମ କେୟାର, ସ୍ମାର୍ଟ ଫରୱାଡ଼, ଏଥି ସହିତ ଏଥିରେ ରହିଛି ପରିବର୍ତ୍ତନୀୟ ଫାଇଭ ଇନ ୱାନ, ଟ୍ୱିନ କୁଲିଙ୍ଗ ପ୍ଲସ ତଥା ଆକଟିଭ ଫ୍ରେସ ଫିଲଟର ପ୍ଲସ ଇତ୍ୟାଦି ।

ଏହି ସାମସଙ୍ଗ ବେସପୋକ ଏଆଇ ଡ଼ବଲ ଡ଼ୋର ରେଫ୍ରିଜିରେଟର ଶୃଙ୍ଖଳ କାଚ୍ ତଥା ଇସ୍ପାତ ପ୍ରସ୍ତୁତିରେ ଉପଲବ୍ଧ ହେଉଥିବାବେଳେ ଏଥିରେ ରହିଛି ବିବିଧ ପସନ୍ଦ ଯୁକ୍ତ ଚୟନକାରୀତା ଯଥା ବ୍ଲାକଗ୍ଲାସ, ବ୍ଲାକମାଟ, ଲ୍ୟୁକ୍ସବ୍ଲାକ, ଆଇନକ୍ସ ତଥା ରିଫାଇଣ୍ଡ ଆଇନକ୍ସ । ୩୯୬ ଲିଟର, ୪୧୯ ଲିଟର ଏବଂ ୪୬୫ ଲିଟର କ୍ଷମତାଧାରୀତାରେ ଏହି ବେସପୋକ ଏଆଇ ଡ଼ବଲ ଡ଼ୋର ରେଫିଜିରେଟର ଶୃଙ୍ଖଳ ଉପଲବ୍ଧ ହେଉଥିବା ବେଳେ ୬୪୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରୁ ଏହା ଆରମ୍ଭ ହେଉଛି ଯାହାକି ଏକ ବୃହତ୍ ଷ୍ଟୋରେଜ କ୍ଷମତାକାରୀ, ସହଜ ତଥା ନମନୀୟତା ଅଫର ପ୍ରଦାନକାରୀ ଅଟେ ।

"ରେଫ୍ରିଜିରେଟର ବିଭାଗରେ ଏକ ଦଳପତି ଭାବରେ ଶୀତଳତା ପ୍ରଦାନର ମୁଖ୍ୟ ଦୃଷ୍ଟିଭଙ୍ଗୀକୁ ବାଦ ଦେଇ ଆମର ଏଇ ପରିବର୍ଦ୍ଧିତ ଘରୋଇ ବ୍ୟବହାରକାରୀ ସାମଗ୍ରୀ ଦୈନନ୍ଦିନ ଜୀବନର ଯେଉଁସବୁ ଗୁଡ଼ିକ ସୁବିଧା ଗୋଟିଏ ସ୍ଥାନରେ ପ୍ରଦାନ କରୁଛି ସେଗୁଡ଼ିକ ହେଲା, ସୁଯୋଗ ଲାଭ, ଅନୁକୂଳିତ ଅବସ୍ଥା ତଥା ଆକର୍ଷଣୀୟ ପାରମ୍ପରିକ ଗଠନ ପ୍ରଣାଳୀ । ଏହି ବେସପୋକ ଏଆଇ ଯୁକ୍ତ ଡ଼ବଲ ଡ଼ୋର ରେଫ୍ରିଜିରେଟର ଆପଣଙ୍କ ଘରର ବହିଃସଜାସଜି ପାଇଁ ଉପଯୋଗୀ ଅଟେ । ଏଗୁଡ଼ିକ ଅତ୍ୟାଧୁନିକ ଏଆଇ ବିଶେଷତ୍ୱକାରୀ ବେସପୋକ ଗଠନ ତଥା ବୃହତ୍ ଷ୍ଟୋରେଜ କ୍ଷମତାକାରୀରେ ସଜ୍ଜିତ ଅଟେ ଯାହାକି ବ୍ୟବହାରକାରୀମାନଙ୍କୁ ଦକ୍ଷତା ତଥା ଗଠନକାରୀତାର ଏକ ସଠିକ୍ ସମ୍ମିଶ୍ରଣର ସ୍ୱାଦ ପ୍ରଦାନ କରିଥାଏ" ଦୃଢ଼ ଭାବରେ ନିଜର ଏହି ମତବ୍ୟକ୍ତ କରି କହିଛନ୍ତି ସୌରଭ ବୈଶାଖିଆ, ବରିଷ୍ଠ ନିର୍ଦ୍ଦେଶକ, ଡ଼ିଜିଟାଲ ଆପ୍ଲାଇନସେସ ବିଜିନେସ, ସାମସଙ୍ଗ ଇଣ୍ଡିଆ ।

ଏଆଇ ଶକ୍ତି ମୋଡ଼ ଅନୁକୂଳତମ କ୍ଷମତା ବ୍ୟବହାରକାରୀତାକୁ ନେଇ ରେଫ୍ରିଜିରେଟର ବ୍ୟବହାର ପଦ୍ଧତିକୁ ବିଶ୍ଳେଷଣ କରିବା ସହିତ୧୦ ପ୍ରତିଶତର ଶକ୍ତି ସଂଚୟ କରିଥାଏ । ଏହି ଦକ୍ଷ ବିଶେଷତ୍ୱକାରୀତା ଶକ୍ତି ସଂଚୟକୁ ଆହୁରି ବୃଦ୍ଧି କରିବା ସହିତ ଏହି ଅତ୍ୟନ୍ତ ଲୋକପ୍ରିୟ ଘରୋଇ ସାମଗ୍ରୀକୁ ମଧ୍ୟ ପରିବେଶ ସଚେ୍ତନକାରୀ ଆଦର୍ଶ ପସନ୍ଦଯୋଗ୍ୟଭାବେ ପରିଚିତ କରାଇଥାଏ । ଏହି ଏଆଇ ଶକ୍ତି ମୋଡ଼ ସଂଚୟକାରୀ ପରିଚାଳନା ଶକ୍ତି ସଂଚୟକୁ ଅନୁମତି ପ୍ରଦାନ କରିବା ସହିତ ଏହା ମଧ୍ୟ ପ୍ରମୁଖ ମୂଲ୍ୟ ସଂଚୟ ଉପରେ ଗୁରୁତ୍ୱ ଦେଇଥାଏ । ଏହି ବିଶେଷତ୍ୱଟି ଶକ୍ତି ବ୍ୟବହାରୀତାକୁ ନିୟନ୍ତ୍ରଣ ତଥା ମନିଟର କରିବା, ରେଫ୍ରିଜିରେଟରକୁ ସୁନିଶ୍ଚିତ କରିବା ତଥା ସର୍ବୋଚ୍ଚ ଦକ୍ଷତାକାରୀତା ସହିତ କାର୍ଯ୍ୟ କରିଥାଏ ।



ଏହି ହୋମ କେୟାର ବିଶେଷତ୍ୱ ରେଫ୍ରିଜିରେଟରକୁ ମନିଟର କରିବା ସହିତ, ଏହାର ଦରକାରୀ ପ୍ରସଙ୍ଗ ଆପଣଙ୍କୁ ସୂଚି୍ତ କରିବା ସହିତ, ଆବଶ୍ୟକ ପରିଚାଳନା ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏହା ସତର୍କ ସୂଚ୍ନା ମଧ୍ୟ ପ୍ରଦାନ କରିଥାଏ । ତ୍ରୁଟିପୂର୍ଣ୍ଣ ମରାମତି ନିର୍ଦ୍ଦେଶାବଳୀ, ବ୍ୟବହାରକାରୀ ଉପଦେଶ ତଥା ଦୃଶ୍ୟମାନ ଯନ୍ତ୍ରାଂଶ ଯାହାକି ସୃଷ୍ଟ ଅସୁବିଧା ସମାଧାନ ଦିଗରେ ଉପାୟ ପ୍ରଦାନ କରିଥାଏ ।

ସ୍ମାର୍ଟ ଫରୱାଡ଼ ସେବା ଯାହାକି, ଦୈନନ୍ଦିନ ଆସୁଥିବା ବିଭିନ୍ନ ପ୍ରକାରର ସଫ୍ଟୱେର ଅପଡ଼େଟ ପ୍ରଣାଳୀ ନେଟସ୍ୱାର୍କ ପରିଚାଳନା ସହିତ ନୂଆ ନୂଆଜ୍ଞାନ କୌଶଳ ପ୍ରୟୋଗ ଯାହାକି ଏହି ଅତ୍ୟାଧୁନିକ ଏଆଇ ଜ୍ଞାନ କୌଶଳ ଯୁକ୍ତ ରେଫ୍ରିଜିରେଟରକୁ ଚ଼ଳ ଚଂଚଳ କରିଥାଏ ।

ଏଥିରେ ରହିଥିବା ଡ଼ିମଯୁକ୍ତ ଆଲୋକ ବ୍ୟବସ୍ଥା, ଧିରେ ଧିରେ ଆଲୋକ ପ୍ରଦାନ କରିଥାଏ । ଏଥିରେ ରହିଥିବା କୋମଳ ଆଲୋକ ବ୍ୟବସ୍ଥା ରେଫିଜିରେଟର ଉଜ୍ଜ୍ୱଳତାକୁ ସ୍ମାର୍ଟ ଥିଙ୍ଗ ଆପ ଜରିଆରେ ବ୍ୟବସ୍ଥିତ କରିଥାଏ । ଦିନ ଏବଂ ରାତିର ଅବସ୍ଥାକୁ ଦେଖି ଏହା ଆଲୋକର ଉଜ୍ଜ୍ୱଳତାକୁ ବ୍ୟବସ୍ଥିତ କରିବା ସହିତ ବ୍ୟବହାରକାରୀଙ୍କର ସୁବିଧାକୁ ଅଧିକ ଦୃଷ୍ଟି ଦେଇଥାଏ ।

ଆଧୁନିକ ଭାରତୀୟ ଗୃହଉପକରଣକୁ ଆହୁରି ଅଧିକ ସରଳ କରିବା ପାଇଁ ଏଥିରେ ପାଂଚୋଟି ପରିବ ?ିତ ବ୍ୟବସ୍ଥା ରହିଥାଏ ଯାହାକି ଷ୍ଟୋରେଜ ଆବଶ୍ୟକତାକୁ ପୂରଣକରିଥାଏ । ଗ୍ରୋସରୀ ସାମଗ୍ରୀ ସହିତ ଏଥିରେ ଖାଦ୍ୟର ଅବଶିଷ୍ଟାଂଶ ସ୍ଥାନର ସୁବିଧା ପାଇଁ ଯଥେଷ୍ଟ ସ୍ଥଶନ ରହିଛି । ଏହି ବୈଶିଷ୍ଟତା ଆପଣଙ୍କୁ ଦ୍ୱିଗୁଣିତ ବ୍ୟାପକ ସତେଜତାର ଉପଲବ୍ଧତା ପ୍ରଦାନ କରିପାରିବ । ଫ୍ରିଜ ବା ଥଣ୍ଡା ହେବା ତଥା ଶୀତଳତା ପ୍ରଦାନକାରୀ ସୁବିଧା ଏହି ଭଳି ଦୁଇଟା ଅଲଗା ବ୍ୟବସ୍ଥା ଦ୍ୱାରା ଏହି ବେସପୋକ ଏଆଇ ଡ଼ବଲ ଡ଼ୋର ରେଫ୍ରିଜିରେଟର ଶୃଙ୍ଖଳ ଅଲଗା ଅଲଗା ବାଷ୍ପକାରକ ତଥା ଫ୍ୟାନର ବ୍ୟବସ୍ଥା ଏଥିରେ ରହିଛି । ଫଳରେ ୭୦ ପ୍ରତିଶତରୁ ଅଧିକ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହା ଆର୍ଦ୍ରତାକୁ ଧରି ରଖିବା ସହିତ ଗନ୍ଧଯୁକ୍ତକୁ ଏଥିରେ ବାଦ ଦେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଏଥିରେ ରହିଥିବା ଜିନିଷକୁ ତାଜା ଓ ସତେଜ ରଖିଥାଏ ।

## ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦ୍ରାପଡ଼ା:** ଜନସାଧାରଣଙ୍କୁ ବିନାମୂଲ୍ୟରେ ଆଇନ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ରାଷ୍ଟ୍ରୀୟ ଲୋକ ଅଦାଲତ ଓ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୪ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲା କୋର୍ଟ ସମେତ ଏହାର ନିକଟବର୍ତ୍ତୀ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ଓ ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ସାଲିସ ଯୋଗ୍ୟ ଚେକ୍ ବାଉନ୍ସ, ଟଙ୍କା ପୁନରୁଦ୍ଧାର ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ ଜନିତ ମାମଲା, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ମାମଲା(ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ଉଚ୍ଚ ନ୍ୟାୟଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ ଅବସର କାଳୀନ ପ୍ରାପ୍ୟ ଜନିତ ମାମଲା, ଉଚ୍ଚ ନ୍ୟାୟଳୟ ଓ ଦେୱାନି ଅଦାଲତରେ ଥିବାରାଜସ୍ୱ ମାମଲା, ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ଏବଂ ପ୍ରାକ୍ମୋକଦ୍ଦମା ସ୍ତରୀୟ (କୋର୍ଟରେ ଦାୟର ହୋଇନଥିବା ମାମଲା) ଯଥା ଚେକ୍ ବାଉନ୍ସ, ଟଙ୍କା ପୁନରୁଦ୍ଧାର ମାମଲା, ଶ୍ରମ ବିବାଦ ଜନିତ ମାମଲା, ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ୟ ଦେୱାନୀ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ରକ୍ଷଣାବେକ୍ଷଣା ମାମଲା ଓ ଅନ୍ୟାନ୍ୟ ମୋକଦ୍ଦମାଗୁଡିକର ଫଇସଲା ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଜଳବାୟୁ ପରିବର୍ତ୍ତନ ବିଷୟରେ ଆଲୋଚନାଚକ୍ର

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ସୁକୁମା ଜବାହର ନବୋଦୟ ବିଦ୍ୟାଳୟରେ ଜଳବାୟୁ ପରିବର୍ତନ ବିଷୟରେ ଆଲୋଚନାଚକ୍ର ଉଦଘାଟିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ବିଦ୍ୟାଳୟର ଅଧକ୍ଷ ବଳରାମ ଜାଟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର 'ସବୁଜ ବାହିନୀ' ଅଧିକାରୀ ଡକ୍ଟର ରଞ୍ଜନ କୁମାର ସାଇଁ ଯୋଗଦାନ କରି ଜଳବାୟୁ ପରିବର୍ତନ ସଂକ୍ରାନ୍ତୀୟ ଆଲୋଚନା ସହିତ ବୃକ୍ଷ ରୋପଣ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ କ୍ଷ ମୁଖ୍ୟବକ୍ତା ଭାବେ ମାଲକାନଗିରି ଜିଲ୍ଲା ଯୋଜନା ଏବଂ ସଂଚାଳନ ବିଭାଗର ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳାଇ ଯୋଗଦାନ କରି ବୃକ୍ଷରୋପଣ ଓ ପର୍ଯ୍ୟାବରଣ ପ୍ରତି ସଚେତନତା ଅବଲମ୍ବନ ଓ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନଶିକ୍ଷକ ନୀଳକଣ୍ଠ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ପ୍ରକୃତିକୁ ସଂରକ୍ଷଣ ଏବଂ ଏହାର ରକ୍ଷାରେ ଜନସମାଜର ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ଗଣିତ ଅଧାପକ ରାକେଶ କୁମାର ଓଟା ସ୍ୱାଗତ ଭାଷଣ ସହ ମଂଚ ପରିଚାଳନା କରିଥିଲେ ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ନିମନ୍ତେ ଆଲୋଚନା

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ନିମନ୍ତେ ଜିଲ୍ଲାର ସମସ୍ତ ରାଜନୈତିକ ଦଳ ସହ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ରେ ଜିଲ୍ଲା ନିର୍ବାଚନ ଅଧିକାରୀ କେନ୍ଦ୍ରାପଡା ଙ୍କ ଦ୍ୱାରା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ସମ୍ବନ୍ଧରେ ସୂଚନା ପ୍ରଦାନ, ଜିଲ୍ଲା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ସମ୍ବନ୍ଧରେ ପ୍ରକାଶିତ ସୂଚୀର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ । ବିଭିନ୍ନ ରାଜନୈତିକ ଦଳ ମାନଙ୍କ ଠାରୁ ପ୍ରସ୍ତାବ ଗ୍ରହଣ ଏବଂ ଉକ୍ତ ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଲୋଚନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, କଂଗ୍ରେସର ପ୍ରଫୁଲ୍ଲ କୁମାର ଦାସ, ସିପିଏମ ର ଗୟାଧର ଧଳ, ବହୁଜନ ସମାଜ ପାର୍ଟିର ସୁଧାକର ମଲିକ, ଆପର ସୂର୍ଯ୍ୟକାନ୍ତ ପରିଡା, ବିଜେପିର ଉପୀନ କୁମାର ରାଉତଙ୍କ ସହ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ ।

### ରାଶନ ଦୋକାନ ଉପରେ ଜିଏସ୍‌ଟି ରେଡ୍

# ପଡ଼ିଲା ୫୫ ହଜାର ଟଙ୍କା ଫାଇନ୍

**ବଲାଙ୍ଗୀର:** ରାଶନ ଦୋକାନ ଉପରେ ହେଲା ଜିଏସ୍‌ଟି ଚଢ଼ାଉ । ଚଢ଼ାଉ ସମୟରେ ଦୋକାନୀ ମାଲିକ ଜିଏସ୍‌ଟି ଫାଙ୍କୁଥିବା ଜଣା ପଡ଼ିଥିଲା । ଏହାପରେ ବିଭାଗ ପକ୍ଷରୁ ଦୋକାନୀଙ୍କ ଉପରେ ପଡ଼ିଛି ୫୫ ହଜାର ଟଙ୍କାର ଫାଇନ୍ । ଏପରି ଏକ ଘଟଣା ଆଜି ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଘୁନସରରେ ଘଟିଛି ।




ଦୀର୍ଘ ଦିନ ହେବ ଘୁନସରର ରାଶନ ଦୋକାନୀ ବିକାଶ ବେହେରା ଜିଏସଟି ଫାଙ୍କୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଏହାକୁ ନେଇ ଆଜି ସକାଳୁ ବଲାଙ୍ଗୀର ଜିଏସଟି ବିଭାଗ ର ତିନି ଜଣିଆ ଟିମ ବିକାଶ ବେହେରାଙ୍କ ଦୋକାନରେ ଅତର୍କିତ ଚଢ଼ାଉ କରିଥିଲେ ।

ସେମାନେ ଦୋକାନର କାଗଜ ପତ୍ର ଯାଞ୍ଚ କରିବା ସହ ଦୋକାନ ମାଲିକ ବିକାଶ ବେହେରାଙ୍କୁ ପଚରା ଉଚରା କରିଥିଲେ । ଏହି ଜେରା ସମୟରେ ବିକାଶଙ୍କ ଦୋକାନ ଜିଏସଟିରେ ପଞ୍ଜୀକୃତ ହୋଇ ନ ଥିବାରୁ ସେ ଜିଏସଟି ଫାଙ୍କୁଥିବା ଜଣା ପଡ଼ିଥିଲା । ଫଳରେ ବିଭାଗ ପକ୍ଷରୁ ତାଙ୍କ ଉପରେ ୫୫ ହଜାର ଟଙ୍କା ଫାଇନ୍ ପକାଯାଇଛି । ଏଥିସହ ଆସନ୍ତା ୧୫ ଦିନ ମଧ୍ୟରେ ଦୋକାନଟିକୁ ଜିଏସଟି ପଞ୍ଜୀକୃତ କରିବା ପାଇଁ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବିପଦରେ ସରକାରୀ ଲଂଚ ଜେଠି ଓ ବନ୍ଦର ଓ ଆନ୍ତର୍ଦେଶୀୟ ଜଳପଥ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

**ଭଦ୍ରକ:** କୂଳ ଲଂଘୁଛି ବୈତରଣୀ, ଭୁଶୁଡିବ ଚାନ୍ଦବାଲି ସହରର ନାଭି କେନ୍ଦ୍ରରେ ଥିବା ସରକାରୀ ଲଂଚ ଜେଠି ଏବଂ ଓଡ଼ିଶା ସରକାରଙ୍କ ବନ୍ଦର ଓ ଆନ୍ତର୍ଦେଶୀୟ ଜଳପଥ ପରିବହନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ । ପ୍ରତିଦିନ ଏହି ଜେଠିରୁ ଧାମରା, ତାଳଚୁଆ , ଶାଗୁଣା ଆଡ଼ିଆ ,ନଳିତା ପଟିଆ ଆଦି ସ୍ଥାନରୁ ଶହ ଶହ ଲୋକ ବାଣିଜ୍ୟ ବ୍ୟବସାୟ ପାଇଁ ଚାନ୍ଦବାଲି ଆସିଥାନ୍ତି । ଓଡ଼ିଶା ସରକାରଙ୍କ ତରଫରୁ ଲଂଚ ସେବା ମଧ୍ୟ ଯୋଗାଇ ଦିଆଯାଉଛି । ମାତ୍ର ଜେଠିର ଅବସ୍ଥା ଦେଖି ସରକାରୀ ଲଂଚ ଉପରେ ନିର୍ଭରଶୀଳ ଲୋକ ମୁହଁ ମୋଡ଼ିଲେଣି । ଦୀର୍ଘ ଏକ ବର୍ଷ ମାଟି ଅତଡା ଖସି ଧୀରେ ଧୀରେ ଭୁଶୁଡିବାରେ ଲାଗିଛି ସରକାରୀ ଜେଠି ସଂଲଗ୍ନ ନଦୀକୂଳ । ମାତ୍ର ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ ଅଧିକାରୀ । ଏହି ସ୍ଥାନଟି ଓଡ଼ିଶା ସରକାରଙ୍କ ବନ୍ଦର ଓ ଆନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ ଅଧୀନରେ ଯାଉଅଛି । ଏହି ବିଭାଗର ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଆଗାମୀ ଦିନରେ ବୈତରଣୀ ଗର୍ଭରେ ଜେଠିଟି ଲୀନ ହେବା ଆଶଙ୍କା କରାଯାଉଛି । ତା ସହିତ ଓଡ଼ିଶା ସରକାରଙ୍କ ବନ୍ଦର ଓ ଆନ୍ତର୍ଦେଶୀୟ ଜଳପଥ ପରିବହନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ବୈତରଣୀ ଗର୍ଭକୁ ଚାଲି ନ ଯିବ ତାହା କହିବା ମୁସ୍କିଲ । ତେଣୁ ବେଳ ଥାଉ ଥାଉ ଏହାର ମରାମତି କରିବାକୁ ଚାନ୍ଦବାଲିବାସୀ ଦାବୀ କରିଛନ୍ତି ।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ ହେଲେ ଶୁଭ୍ରମ କେଶରୀ ପ୍ରଧାନ

**ବଲାଙ୍ଗୀର:** ସ୍ଥାନୀୟ କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିଶ୍ୱ ହିନ୍ଦୁ ପରିଷଦର ୬୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ହିନ୍ଦୁ ସମାଜର ସୁରକ୍ଷା ତଥା ଧର୍ମର ସମ୍ମାନ ଏବଂ ସଂସ୍କୃତିକୁ ବଜାୟ ରଖିବାର ଲକ୍ଷ୍ୟ ନେଇ ଦୀର୍ଘ ସାତଦିନ ଧରି ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଉକ୍ତ ସଭାରେ ମୂଖ୍ୟଅତିଥି ଭାବେ ପୁରୀ ଗୋବରର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ ଆଦିତ୍ୟ ବାହିନୀର କ୍ଷେତ୍ରୀୟ ସଂପାଦକ ବିପିନ ବିହାରୀ ପଣ୍ଡା, ମୁଖ୍ୟବକ୍ତା ଭାବେ ବଜରଙ୍ଗ ଦଳ ପଶ୍ଚିମ ଓଡିଶା ପ୍ରାନ୍ତ ସହସଂଯୋଜକ ସୌମ୍ୟରଂଜନ ମିଶ୍ର ତଥା ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ପବିତ୍ର କୁମାର ଦାଶ, ବଲାଙ୍ଗିର ଜିଲ୍ଲା ସଭାପତି ଗୋବିନ୍ଦ ଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ମଂଚାସୀନ ଥିଲେ । ଏହି ଅବସରରେ ସ୍ଥାନୀୟ ସୁଦପଡାର ସମାଜସେବୀ ଶୁଭ୍ରମ କେଶରୀ ପ୍ରଧାନଙ୍କୁ ହିନ୍ଦୁ ଧର୍ମ ଓ ସଂସ୍କୃତି ରକ୍ଷା ଏବଂ ହିନ୍ଦୁ ସମାଜକୁ ସଂଗଠିତ କରିବାର ଦୃଢ ପ୍ରୟାସ ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବଲାଙ୍ଗୀର ଜିଲା ସଂପାଦକ ଜିତେନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କବିତା ଆସର ର ଆୟୋଜନ କରାଯାଇଥିଲା । ଏଥିରେ ଅନେକ କବି ଓ କବିୟତ୍ରୀ ତାଙ୍କ ସ୍ୱରଚିତ କବିତା ପାଠ କରିଥିଲେ ।

## ମାଛ କିଲୋ ୨୦ ଟଙ୍କା, ବୋହିନେଲେ ଲୋକ

**ବାଙ୍କୀ:** ବନ୍ୟା ପାଣି ଯୋଗୁ ଜାଲରେ ଧରା ପଡ଼ିଲେ ପ୍ରବଳ ମାଛ । ବଜାରରେ ମାଛ ହାଉଜାଉ । ଫଳରେ କିଲୋ ପିଛା ହୋଇଗଲା ୨୦ ଟଙ୍କା । ଆଉ ଦେଖୁଦେଖୁ ଲୋକେ ବି ତାହାକୁ ବୋହି ନେଲେ । ଏପରି ଚିତ୍ର ଆଜି କଟକ ଜିଲ୍ଲା ବାଙ୍କୀ ବଜାରରେ ଦେଖିବାକୁ ମିଳିଛି ।



ଗତ କିଛି ଦିନ ତଳେ ମହାନଦୀର ବନ୍ୟାଜଳ ଶାଖା ନଦୀରେ ପ୍ରବେଶ କରିବା ଦ୍ୱାରା ପାଣିରେ ବୁଡି ରହିଥିଲା ଶହ ଶହ ଏକର ଜମି । ଏବେ ମହାନଦୀରୁ ପାଣି ହ୍ରାସ ପାଇବା ଫଳରେ ବାଙ୍କୀଠାରେ ଶାଖା ନଦୀ ଚନ୍ଦ୍ରପାରୁ ପାଣି ଛାଡିବାକୁ ଲାଗିଛି । ଫଳରେ ମତ୍ସ୍ୟଜୀବୀଙ୍କ ଜାଲରେ ପୁଳାପୁଳା ଛୋଟ ମାଛ ପଡୁଛନ୍ତି । ମତ୍ସ୍ୟଜୀବୀମାନେ ବାଙ୍କୀ ତାରିଣୀ ଛକଠାରେ ଛୋଟ ମାଛ ଗଦା କରିଥିବା ବେଳେ କିଲୋ ପିଛା ତାହାକୁ ୨୦ ଟଙ୍କାରେ ବିକ୍ରି କରୁଛନ୍ତି । ଏତେ ଶସ୍ତାରେ ମାଛ ମିଳୁଥିବା ଶୁଣି ଉକ୍ତ ବାଟ ଦେଇ ଯାଉଥିବା ଲୋକେ ବି କିଛି ସମୟ ଅଟକି ଯାଉଛନ୍ତି । ଆଉ କିଣିବାକୁ ଗହଳି ଜମାଉଛନ୍ତି ।

ଗତ କାଲି ମଙ୍ଗଳବାର ଥିବାରୁ ମାଛ ବିକ୍ରି ରେ ମାନ୍ଦାବସ୍ଥା ଦେଖାଯାଇଥିଲା । ମାତ୍ର ଆଜି ଖୁବ୍ ସମୟରେ ସମସ୍ତ ମାଛ ବିକ୍ରି କରିଦେଇଛନ୍ତି ପାରୀ ଓ ମତ୍ସ୍ୟଜିବୀ । ଏହି ଛୋଟ ମାଛର ଚାହିଦା ପ୍ରବଳ ଥିବାରୁ ଲୋକମାନେ କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

### ୨ ଦିନ ତଳେ ନିଖୋଜ ଥିଲେ ଫାଇନାନ୍ସ କର୍ମଚାରୀ

# ଆଜି ଜଙ୍ଗଲରୁ ମିଳିଲା ମୃତଦେହ

**ବଲାଙ୍ଗୀର:** ୨ ଦିନ ତଳେ ନିଖୋଜ ଥିଲେ ଫାଇନାନ୍ସ କର୍ମଚାରୀ । ଆଜି ସକାଳେ ଜଙ୍ଗଲରୁ ମିଳିଲା କର୍ମଚାରୀଙ୍କ ଝୁଲନ୍ତା ମୃତଦେହ । ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା

**ହତ୍ୟା ନା ଆତ୍ମହତ୍ୟା ହୋଇନି ସ୍ପଷ୍ଟ**

**ପୋଲିସର ତଦନ୍ତ ଜାରି**



ଅନ୍ତର୍ଗତ ବଡ଼ମାଳ ଫାଣ୍ଡି ଅଧିନସ୍ଥ ଗୋଏଲଭାଡ଼ି ବର୍ଣି ଜଙ୍ଗଲରେ ଏହି ଘଟଣା ଘଟିଛି । ମୃତ ବ୍ୟକ୍ତି ଜଣଙ୍କ ହେଲେ ଟିଟିଲାଗଡ ଥାନା ସର୍ଗିଗୁଡ଼ାର ଉତ୍ତମ ନାଗ ।

ଉତ୍ତମ ୩ ବର୍ଷ ହେବ ଟିଟିଲାଗଡ ସ୍ଥିତ ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ । ଗତ ୨ ତାରିଖର ସକାଳେ ସେ ନିଖୋଜ ଥିଲେ । ପରିବାର ଲୋକେ ତାକୁ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ ।

ଏନେଇ ପରିବାର ଲୋକେ ଟିଟିଲାଗଡ ଥାନାରେ ଅଭିଯୋଗ କରିଥିଲେ । ଆଜି ସକାଳେ ଫାଇନାନ୍ସ କର୍ମଚାରୀଙ୍କ ମୃତଦେହ ଜଙ୍ଗଲରୁ ମିଳିଥିଲା । ଫାଇନାନ୍ସ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ି ନାହିଁ । ପୁଲିସ ଘଟଣାର ତଦନ୍ତ କରୁଛି ।

## ଦେଓଗାଁ ବ୍ଲକ ଧଣ୍ଡାମାଲରେ ଜନଶୁଣାଣୀ

**ଦେଓଗାଁ:** ଦେଓଗାଁ ବ୍ଲକ ଧଣ୍ଡାମାଲ ପଂଚାୟତ କାର୍ଯ୍ୟାଳୟରେ ସୋମବାର ୧୧ଟା ସମୟରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧଣ୍ଡାମାଲ ପଂଚାୟତର ଧଣ୍ଡାମାଲ, ଡଙ୍ଗରପଡ଼ା, ଅନ୍ତର୍ଲା, ପିପଲପଦର ଓ ବିଲାଶପୁର ଗାଁର ୨୫୩ ଜଣ ଅଭିଯୋଗରେ ପଞ୍ଜିକରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ବିଡ଼ିଓ କ୍ଷମାନିଧି ଭୋଇ, ଜିପିଇଓ ସେନାପତି ମଙ୍ଗରାଜ, ସରପଂଚ ସଞ୍ଜୁ ଶିକା, ସମିତି ସଭ୍ୟ ଶଙ୍କର ମୁଦୁଲି ପ୍ରମୁଖ ଯୋଗଦେଇ ଅଭିଯୋଗ ପାଇଁ ଆସିଥିବା ହିତାଧିକାରୀଙ୍କ ସହଯୋଗ କରିଥିଲେ । ଅଭିଯୋଗ ଶୁଣାଣୀରେ ମୋଟ ୨୫୩ ଜଣ ପଞ୍ଜିକୃତ କରିଥିଲେ । ତନମଧ୍ୟରୁ ସର୍ବାଧିକ ୧୩୦ ହିତାଧିକାରୀ ଆବାସଘର ପାଇଁ ଆବେଦନ କରିଥିବା ବେଳେ ୪୦ ଜଣ ରାଶନ କାର୍ଡ଼, ୪୫ ଜଣ ଭତା ଯୋଜନାରେ ଅନ୍ତର୍ଭୁକ୍ତ ଓ ୨୨ଜଣ ଜମୀ ଓ ଅନ୍ୟାନ୍ୟ ୨୦ଜଣ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତଭୂକ୍ତ ହେବା ପାଇଁ ଆବେଦନ କରିଥିଲେ ।

## ପାଟଣେଶ୍ୱରୀ ମା'ଙ୍କୁ ନବାନ୍ନରେ ଲାଗିବ ନୂତନ ମୁକୁଟ ଦେବାଳୟ ସୁରକ୍ଷା କମିଟିର ନୂତନ କର୍ମକର୍ତା ଚୟନ

**ବଲାଙ୍ଗୀର:** ଟାଉନ ବାଳିକା ହାଇସ୍କୁଲ ପରିସରରେ ଦେବାଳୟ ସୁରକ୍ଷା କମିଟିର ବୈଠକ ପ୍ରଶାନ୍ତ ମହାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦେବାଳୟ ସୁରକ୍ଷା କମିଟି ବିଭିନ୍ନ କମିଟି ଏବଂ ବଲାଙ୍ଗୀରର ବୁଦ୍ଧିଜିବିଙ୍କୁ ନେଇ ୨୦୨୧ ରେ ଗଠିତ ହୋଇଥିଲା । ୪ ବର୍ଷ ପୁର୍ତି ଅବସରରେ ଆଜି ପୁଣି ନୂତନ କର୍ମକର୍ତା ଚୟନ ହୋଇଥିଲା । ପାଟଣାର ଇଷ୍ଟଦେବୀ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ଗୋପାଳଜୀ ମନ୍ଦିର, ଲୋକନାଥ ବାବା ମନ୍ଦିର, ଆଟଗାଁ ଜଗନ୍ନାଥ ମନ୍ଦିର ଏବଂ ବଲାଙ୍ଗୀରର ବିଭିନ୍ନ ଦେବାଳୟ ମନ୍ଦିରକୁ ନେଇ ରାଜ୍ୟ ସରକାର ଦେବୋତର ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ସହ ବିଭିନ୍ନ ସମୟରେ ଦାବି କରି ଆସୁଥିବା ବେଳେ ଗତ ୨୦୨୩ ମସିହାରେ ମାଁ ପାଟଣେଶ୍ୱରୀ ମନ୍ଦିର ମୁକୁଟ ବାନ୍ଧି ଯାଇଥିଲା । ଏ ବିଷୟରେ ଦେବୋତର ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଥିଲା ଏବଂ ମକୁଟ ମରାମତି ନ ହେବାରୁ ଦେବାଳୟ ସୁରକ୍ଷା କମିଟି ନିଷତି କ୍ରମେ ଜିଲ୍ଲା ପ୍ରଶାସନକୁ ପୁଣି ୨୦୨୪ରେ ଦାବି ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଭାଙ୍ଗିଲା ମୁକୁଟକୁ ଦେବୋତର ବିଭାଗ ମରାମତି ପାଇଁ ଆଦେଶ ଦେଇଥିଲେ । ଦେବାଳୟ ସୁରକ୍ଷା କମିଟି ମଧ୍ୟ ଏକ ମକୁଟ ନିର୍ମାଣ ପାଇଁ ନିଷ୍ପତି ନେଇ କଟକ ରୁ ନିର୍ମାଣ ହୋଇ ଆସିଥିଲା ଏବଂ ଆଗାମୀ ନବାନ୍ନ ଦିନ ମା'ଙ୍କୁ ନୂତନ ମକୁଟ ଲଗାଇବା ପାଇଁ ଦେବୋତର ବିଭାଗକୁ ସୂଚନା ଦେଇଛି । ଏ ବିଷୟରେ ଦେବୋତର ମ୍ୟାନେଜର ସୁଧିର ଦାଶ ସୂଚନା ଦେଇଛନ୍ତି ଯେ ଏକ ନୂତନ ମକୁଟ ଦେବୋତର ବିଭାଗରୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି । ଦେବାଳୟ ସୁରକ୍ଷା କମିଟିର ନୂତନ କର୍ମକର୍ତା ସଭାପତି ଜୟକୃଷ୍ଣ ମିଶ୍ର, ଉପ-ସଭାପତି ପ୍ରଶାନ୍ତ ମହାକୁର, ସଂପାଦକ ନରେନ୍ଦ୍ର କବାଟ, ସହ-ସଂପାଦକ ଶମ୍ଭୁ ପ୍ରସାଦ ଶତପଥି, କୋଷାଧକ୍ଷ ଟିଂଟୁ ସାହୁ, ଉପଦେଷ୍ଟା କମିଟିରେ ମନରଂଜନ ପୁରୋହିତ, ମଧୁସୁଦନ ନାୟକ, ଅରୁଣ ମିଶ୍ର, ସୁରେନ୍ଦ୍ର ନେଗୀ, ମନୋରଂଜନ ମିଶ୍ର ଏବଂ କମିଟିର ସଦସ୍ୟ ଅଙ୍କୁଶ ପାଣ୍ଡିଆ, ବିବେକାନନ୍ଦ ପଟେଲ, ସଚ୍ଚିଦାନନ୍ଦ ନାଏକ, ଶୁଭମ ଅଗ୍ରୱାଲ ଚୟନ ହୋଇଥିଲେ । ଆଗାମୀ ଶୁକ୍ରବାର ଦିନ ଦେବାଳୟ ସୁରକ୍ଷା କମିଟି ଜିଲ୍ଲା ପ୍ରଶାସନକୁ ନୂତନ ମକୁଟ ପ୍ରଦାନ କରିବ ବୋଲି ସୂଚନା ଦେଇଛନ୍ତି ।

## ଭଦ୍ରକ ପୌର ନିର୍ବାହୀ ଅଧିକାରୀଙ୍କୁ ଆର୍ଥିକ ଦଣ୍ଡାଦେଶ

**ଭଦ୍ରକ:** ଭଦ୍ରକ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଏକ ଉପଭୋକ୍ତା ଜନିତ ମାମଲା ର ବିଚାର କରି ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ଭଦ୍ରକ ପୌରପାଳିକା ପୌରନିର୍ବାହୀ ଅଧିକାରୀଙ୍କୁ ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ସହରାଚଂଳ ୩୦ନମ୍ବର ୱାର୍ଡ ଅଧିନ ବାଲିପାଟଣା ଗାଁର ସ୍ୱର୍ଗତ ଶୁକଦେବ ନାୟକଙ୍କ ପୁଅ ଦେବଦତ ନାୟକ ଜଣେ ଶିକ୍ଷିତ ବେକାର ଯୁବକ । ସେ ରୋଜଗାର କରି ସ୍ୱାବଲମ୍ବୀ ହେବାକୁ ଭଦ୍ରକ ପୌରପାଳିକାର ପ୍ରକାଶିତ ବିଜ୍ଞାପନ ମୁତାବକ ଦୋକାନଘର ନେବା ପାଇଁ ଗତ ୨୫.୧.୯୯ତାରିଖରେ ୫ହଜାର ଟଙ୍କା ଓ ଗତ ୨୩.୭.୦୫ତାରିଖରେ ୧୧ହଜାର ଟଙ୍କାକୁ ମିଶାଇ ମୋଟ ୧୬ହଜାର ଟଙ୍କା ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ । ପରବର୍ତୀ ସମୟରେ ସହରରେ ପୌରପାଳିକା ପକ୍ଷରୁ ବିଭିନ୍ନ ମାର୍କେଟ କଂପ୍ଲେକ୍ସ ନିର୍ମିତ ହୋଇଥିଲେ ବି ତାଙ୍କୁ ଦୋକାନ ଘରଟିଏ ଦିଆଯାଇନଥିଲା । ବିଭିନ୍ନ ଆଳରେ ପୌରକର୍ତୃପକ୍ଷଡ଼ ତାଙ୍କୁ ଗତ ୨୦୨୦ଯାଏଁ ଭୁଆଁ ବୁଲାଇ ଦୋକାନ ଘରଟିଏ ଯୋଗାଇ ନଥିଲେ । ଶେଷରେ ଉପଭୋକ୍ତା ଦେବଦତ ନିରାଶ ହୋଇ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟେଗାରେ ଆଶ୍ରୟ ନେଇଥିଲେ । ତାଙ୍କ ଅଭିଯୋଗକ୍ରମେ ଏକ ମାମଲା(ସିସି ନମ୍ବର-୧୪/୨୦୨୦)ରୁଜୁ ହୋଇଥିଲା ଓ ପୌର ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଏହି ମାମଲାରେ ପୌର ନିର୍ବାହୀ ଅଧିକାରୀ ହାଜର ହୋଇ ତାଙ୍କ ଜବାବରେ ପୌରପାଳିକାର ୯ଟି ଦୋକାନଘର ପାଇଁ ୨୪ଜଣ ଆବେଦନକାରୀ ଥିବାରୁ ଆବେଦନକାରୀ ଦେବଦତଙ୍କୁ ଦୋକାନଘର ଦିଆଯାଇ ପାରିନଥିବା ଦର୍ଶାଇବା ସହ ତାଙ୍କୁ ଟଙ୍କା ଫେରସ୍ତ ଲାଗି ଜବାବରେ ସମ୍ମତି ପ୍ରକାଶ କରିଥିଲେ । ଏହି ମାମଲାର ବିଚାର କରି ଭଦ୍ରକ ଉପଭୋକ୍ତା ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟରେ ଭଦ୍ରକ ପୌରପାଳିକାର ପୌରନିର୍ବାହୀ ଅଧିକାରୀ ଉପଭୋକ୍ତା ଦେବଦତ ନାୟକଙ୍କୁ ମୂଳ ଜମା ଟଙ୍କା ୧୬ହଜାର ଟଙ୍କା ସହ ଗତ ୨୩.୭.୨୦ତାରିଖରୁ ବାର୍ଷିକ ୬ପ୍ରତିଶତ ସୁଧ ବାବଦକୁ ୧୮ହଜାର ୩୬୦ଟଙ୍କାକୁ ମିଶାଇ ୩୪ହଜାର ୩ଶହ ଟଙ୍କା ରାୟ ପ୍ରକାଶର ୩୦ଦିନ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି ।

## ଆଗୁଆ ନୂଆଁ ଖାଇଲେ ପଥର୍ଲାବାସୀ

**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପଥର୍ଲା ସମେତ ବାହାଦୂରପଦର ଏବଂ ପଲକାପଡ଼ାବାସୀ ମଙ୍ଗଳବାର ନୂଆଁଖାଇଛନ୍ତି । ସାଧାରଣତଃ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଭାଦ୍ରବ ଶୁକ୍ଳପକ୍ଷ

**ରାଜା ଅମଳରୁ ଚାଲିଆସୁଛି ପରମ୍ପରା**

ପଞ୍ଚମୀରେ ପାଳିତ ହୋଇଥାଏ । କିନ୍ତୁ କଳାହାଣ୍ଡି ଜିଲ୍ଲାରେ ତିନିଟି ପର୍ଯ୍ୟାୟରେ ଲୋକେ ନବାନ୍ନ ଭକ୍ଷଣ କରିଥାନ୍ତି । ହେଲେ ପ୍ରଥମ ପର୍ଯ୍ୟାୟରେ ଅର୍ଥାତ ସମସ୍ତଙ୍କଠାରୁ ଆଗୁଆ କେସିଙ୍ଗାର ପଥର୍ଲା, ବାହାଦୂରପଦର ଓ କେସିଙ୍ଗା ଏନ୍ଏସି ଅନ୍ତର୍ଗତ ପଲକାପଡ଼ା ଗ୍ରାମବାସୀ ନୂଆଁଖାଇଥାନ୍ତି । ପୂର୍ବପରମ୍ପରା ଅନୁଯାୟୀ ସପ୍ତପୁରୀ ଅମାବାସ୍ୟା ଦିନ ଅର୍ଥାତ ଗତକାଲି ଗ୍ରାମବାସୀ ଗ୍ରାମ୍ୟ ଦେବଦେବୀଙ୍କୁ ପୂଜାକରି ନୂଆଁଖାଇ ପାଇଁ ବରଣ କରିଥିଲେ । ମଙ୍ଗଳବାର ପ୍ରତିପଦାରେ ସକାଳୁ ବିଧିମତେ



ଗ୍ରାମ ଦେବଦେବୀ ଏବଂ ଘରର ଇଷ୍ଟଦେବୀଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ସହ ନୂଆଁଅନ୍ନରେ ପ୍ରସ୍ତୁତ ଭୋଗ ଲାଗି ହୋଇଥିଲା । ପୂଜାକାର୍ଯ୍ୟ ସମ୍ପନ୍ନ ପରେ ସପରିବାର ବସି ନବାନ୍ନ ଭକ୍ଷଣ କରିଥିଲେ । ପରେ ସାନମାନେ ବୟୋଜ୍ୟେଷ୍ଠଙ୍କୁ ନୂଆଁଖାଇ ଜୁହାର କରି ଆଶୀର୍ବାଦ ଭିକ୍ଷା କରିଥିଲେ ।

ଏହି ଅବସରରେ ଗ୍ରାମରେ ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତା, ଘୁମରା ନୃତ୍ୟ ଆଦି ପରିବେଷିତ ହୋଇଥିଲା । କିମ୍ବଦନ୍ତୀ ଅନୁସାରେ, କଳାହାଣ୍ଡିର ନାଗବଂଶୀ ରାଜା ତୀର୍ଥାଟନରେ ଯିବାପରେ ରାଜ୍ୟରେ ଅରାଜକତା ସୃଷ୍ଟି ହୋଇଥିଲା । ଏହାର ସୁଯୋଗ ନେଇ ଗଙ୍ଗ ବଂଶୀୟ ରାଜାମାନେ ସିଂହାସନ ଅକ୍ତିଆର କରିଥିଲେ । ତୀର୍ଥରୁ ରାଜା ପ୍ରତ୍ୟାବର୍ତ୍ତନ ପରେ ରାଜଗାଦିକୁ ନେଇ ଉଭୟପକ୍ଷ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ତତ୍କାଳୀନ ପଥର୍ଲା ଗୌନ୍ତିଆ ନାଗବଂଶୀୟ ମହାରାଜଙ୍କ ସପକ୍ଷରେ ଯୁଦ୍ଧ କରିଥିଲେ । ଏହି ଯୁଦ୍ଧରେ ନାଗ ବଂଶୀ ରାଜା ବିଜୟୀ ହୋଇଥିଲେ । ଯୁଦ୍ଧରେ ଗୌନ୍ତିଆଙ୍କ ବୀରତ୍ୱ ଦେଖି ରାଜା ଖୁସି ପ୍ରକଟ କରି କ'ଣ ମାଗିବାର ଅଛି ମାଗ ବୋଲି କହିଥିଲେ । ଉତ୍ତରରେ ପଥର୍ଲା ଗୌନ୍ତିଆ ଗ୍ରାମ୍ୟ ଦେବଦେବୀଙ୍କ କୃପାରୁ ବିଜୟ ଲାଭ କରିଥିବାରୁ ସେହି ଗ୍ରାମ ଦେବଦେବୀଙ୍କଠାରେ ସବୁଠାରୁ ଆଗୁଆ ନବାନ୍ନ ଭୋଗଲାଗି କରିବାକୁ ଅନୁମତି ମାଗିଥିଲେ । ମହାରାଜ ପଥର୍ଲା ଗୌନ୍ତିଆଙ୍କୁ ସମସ୍ତଙ୍କଠାରୁ ଆଗୁଆ ନୂଆଁଖାଇବା ପାଇଁ ଅନୁମତି ଦେଇଥିଲେ । ସେହିଦିନରୁ ପଥର୍ଲା, ବାହାଦୂରପଦର ଓ ପଲକାପଡ଼ାବାସୀ ପଶ୍ଚିମ ଓଡ଼ିଶାର ପ୍ରଥମ ଗାଁ ଭାବରେ ସର୍ବାଗ୍ରେ ନୂଆଁଖାଇ ପାଳନ କରିବାର ପରମ୍ପରା ପ୍ରଚଳିତ ଅଛି ।

# ଅଣଓଡ଼ିଆଙ୍କ କବ୍‌ଜାରେ ସରକାରୀ ଜମି

**ଯାଜପୁର:** ବ୍ୟାସନଗର ସହରରେ ଜନସଂଖ୍ୟା ହୁ ହୁ ହୋଇ ବଢୁଛି । ଅନେକ ବର୍ଷ ହେଲା ଜମିର ବନ୍ଦୋବସ୍ତ କରାଯାଇ ନଥିବାରୁ ହଜାର ହଜାର ଏକର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ । ତହସିଲ, ଜଙ୍ଗଲ ଓ କଳିଙ୍ଗ ନଗର ଉନ୍ନୟନ କର୍ତୃପକ୍ଷ (କେଏନ୍‌ଡିଏ) ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ । ପରିଣାମରେ ମାଫିଆମାନେ ଏସବୁକୁ ବିକ୍ରିବଟା କଲେଣି । ବ୍ୟାସନଗର ସହରର ୱାର୍ଡ ନମ୍ବର ୧ ଓ ୫ରେ ଥିବା ରମ୍ଭାସ ମୌଜାରେ ଶହଶହ ଅଣଓଡ଼ିଆ ଅନାବାଦୀ ଜମିରେ ଘର ତିଆରି କରୁଛନ୍ତି । ଏହାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ସରକାରୀ ଜମି ଜବରଦଖଲ ହେଲେ ବୁଲ୍‌ଡୋଜର ଚାଲିବ ବୋଲି ଧମକ ଦେଇଥିଲେ ବିଜେପି ସରକାର । ହେଲେ

**ରମ୍ଭାସର ବିସ୍ତୃତ ସରକାରୀ ଜମି ଜବରଦଖଲ**

ସ୍ଥାନୀୟ ଧବଳଗିରି ଛକଠାରୁ ଫେରୋକ୍ରମ ପ୍ଲାଣ୍ଟ ଯିବା ରାସ୍ତାର ବାମ ପାର୍ଶ୍ୱରେ ଓଏମ୍‌ସିର ଶହଶହ ଏକର ଜମି ଓ ଦକ୍ଷିଣ ପାର୍ଶ୍ୱରେ ଥିବା ଅନାବାଦୀ ଜମିରେ ନୂଆଘରମାନ ତିଆରି ଚାଲିଛି । ମହାତ୍ମା ଗାନ୍ଧୀ ଆଇଟିଆଇ



ପାର୍ଶ୍ୱରେ ରମ୍ଭାସ ଗାଁକୁ ଯାଇଥିବା ରାସ୍ତାର ୫୦୦ ମିଟର ପର୍ଯ୍ୟନ୍ତ ୮୦ କଡ଼ି ଓସାର ରହିଛି । ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜମିକୁ କେତେକ ଦଲାଲ ବିକ୍ରି କରି ବେଶ୍ ମୁନାଫା କରିଚାଲିଛନ୍ତି । ଦକ୍ଷିଣ ପାର୍ଶ୍ୱରେ ଥିବା ଅନାବାଦୀ ଜମିରେ ବି ସ୍ଥିତି ତଦ୍ରୁପ । ରାସ୍ତା ପାର୍ଶ୍ୱରେ ଥିବା ପୋଖରୀକୁ ପୋତି ବିକ୍ରି କରିବା ପାଇଁ ଦଲାଲ ମୂଳଚାଲ କରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ପୋଖରୀ ପୋତିଦେଲେ ଏହି ବାଟ ଦେଇ ପ୍ରବାହିତ ବର୍ଷାଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ସ୍ଥାନୀୟ ବାସିନ୍ଦା ଟୁଲୁ ତ୍ରିପାଠୀ, ପ୍ରଶାନ୍ତ କୁମାର ରାୟ, ଗୌରାଙ୍ଗ ପଟ୍ଟନାୟକ, ବିରଞ୍ଚି ନାରାୟଣ ସାମଲ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ସୋବରା, ମୁଣ୍ଡମାଳ, ଉମାପଦା, ସାତକଲିଆ, ପାଇକରାପୁର, ଚାନ୍ଦମା, ବୀରମଣିପୁର, ବ୍ୟାସ ସରୋବର ପ୍ରଭୃତି ୨୦ଟି ମୌଜାରେ ହଜାର ହଜାର ଏକର ସରକାରୀ ଜମି ଏବେ ଜବରଦଖଲରେ ରହିଛି । ବିଶେଷ କରି ସରକାରୀ ଜମିକୁ ମାଫିଆମାନେ କବ୍‌ଜା କରି ଅଣଓଡ଼ିଆଙ୍କୁ ବିକ୍ରି କରୁଛନ୍ତି । ସେମାନେ ସଙ୍ଗେସଙ୍ଗେ ଛୋଟ ଛୋଟ ଘର ତିଆରି କରି ନେଉଛନ୍ତି । ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି ।

ମାତୃଭାଷା

# ଖେଳ ଖବର



ରାହୁଲ ଦ୍ରାବିଡଙ୍କୁ ବଡ ଦାୟିତ୍ୱ

## ମିଳିଲା ରାଜସ୍ଥାନ ରୟାଲ୍ସର ହେଡ୍ କୋଚ୍ ପଦ

**ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନଙ୍କ ସହ ଦ୍ରାବିଡଙ୍କର ଦୀର୍ଘ ଦିନର ସମ୍ପର୍କ ରହିଛି । ରାଜସ୍ଥାନ ରୟାଲ୍ସ ସହିତ ଦ୍ରାବିଡଙ୍କର ଏକ ଲମ୍ବା ଇତିହାସ ରହିଛି । ସେ ଆଇପିଏଲ୍ ୨୦୧୨ ଏବଂ ୨୦୧୩ରେ ରାଜସ୍ଥାନର ଅଧିନାୟକ ଥିଲେ । ଏହାବ୍ୟତୀତ ୨୦୧୪ ଏବଂ ୨୦୧୫ ଆଇପିଏଲ୍ ସିଜିନରେ ଟିମ୍‌ର ନିର୍ଦ୍ଦେଶକ ଏବଂ ମେଣ୍ଟର ଭାବେ କାମ କରିଥିଲେ ।**



**ନୂଆଦିଲ୍ଲୀ, ୪।୯:** ଟିମ୍ ଇଣ୍ଡିଆର ପୂର୍ବତନ ହେଡ୍ କୋଚ୍ । ଆଇପିଏଲ୍ ୨୦୨୫ରେ ମିଳିଲା ବଡ ଦାୟିତ୍ୱ । ସେ ପୁଣି ସମ୍ଭାଳିଲେ ହେଡ୍‌କୋଚ୍ ପଦ । ସେ ରାଜସ୍ଥାନ ରୟାଲ୍ସ ସହିତ ଯୋଡି ହେବେ । ନିକଟରେ ଫ୍ରାଞ୍ଚାଇଜ୍ ସହିତ ଡିଲ୍ ସାଇନ କରିଛନ୍ତି ଦ୍ରାବିଡ । ସେ ଆଗାମୀ ଅକ୍ସନରେ ପ୍ଲେୟରଙ୍କୁ ରିଟେନ୍ ନେଇ ପ୍ରାଥମିକ ଭାବେ କଥା ହୋଇଛନ୍ତି ।

ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନଙ୍କ ସହ ଦ୍ରାବିଡଙ୍କର ଦୀର୍ଘ ଦିନର ସମ୍ପର୍କ ରହିଛି । ରାଜସ୍ଥାନ ରୟାଲ୍ସ ସହିତ ଦ୍ରାବିଡଙ୍କର ଏକ ଲମ୍ବା ଇତିହାସ ରହିଛି । ସେ ଆଇପିଏଲ୍ ୨୦୧୨ ଏବଂ ୨୦୧୩ରେ ରାଜସ୍ଥାନର ଅଧିନାୟକ ଥିଲେ । ଏହାବ୍ୟତୀତ ୨୦୧୪ ଏବଂ ୨୦୧୫ ଆଇପିଏଲ୍ ସିଜିନରେ ଟିମ୍‌ର ନିର୍ଦ୍ଦେଶକ ଏବଂ ମେଣ୍ଟର ଭାବେ କାମ କରିଥିଲେ । ୨୦୧୬ରେ ଦ୍ରାବିଡ଼ ଦିଲ୍ଲୀ ଡେୟାର ଡେଭିଲ୍ସକୁ ଚାଲି ଯାଇଥିଲେ ।

୨୦୧୯ରେ ରାହୁଲ ଦ୍ରାବିଡ ବେଙ୍ଗାଲୁରୁରେ ଥିବା ଜାତୀୟ କ୍ରିକେଟ୍ ଏକାଡେମୀର ମୁଖ୍ୟ ଦାୟିତ୍ୱ ସମ୍ଭାଳିଥିଲେ । ୨୦୨୧ରେ ସେ ଭାରତୀୟ କ୍ରିକେଟ୍ ଟିମ୍‌ର ହେଡ କୋଚ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଦ୍ରାବିଡ ଟିମ୍ ଇଣ୍ଡିଆକୁ ଡବ୍ଲ୍ୟୁଟିସି ଫାଇନାଲ ୨୦୨୧ ଏବଂ ୨୦୨୩, ଦିନିକିଆ ବିଶ୍ୱକପ ୨୦୨୩ ଫାଇନାଲକୁ ନେଇଥିଲେ ।

ଏହାବ୍ୟତୀତ ଜୁନ୍ ୨୯ ୨୦୨୪ରେ ତାଙ୍କ କୋଚିଂ ଅଧୀନରେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ ଚାମ୍ପିଅନ୍ ହୋଇଥିଲା । ରିପୋର୍ଟ ଅନୁଯାୟୀ ରାଜସ୍ଥାନ ରୟାଲ୍ସକୁ ଫେରୁଛନ୍ତି ଟିମ୍ ଇଣ୍ଡିଆର ପୂର୍ବ ବ୍ୟାଟ୍ସମ୍ୟାନ ବିକ୍ରମ ରାଠୋର । ସେ ଦ୍ରାବିଡଙ୍କ ଆସିଷ୍ଟାଣ୍ଟ କୋଚ୍ ହୋଇପାରନ୍ତି । ଭାରତର ପୂର୍ବତନ ଚୟନକର୍ତ୍ତା ରାଠୋର ୨୦୧୯ରେ ଭାରତର ବ୍ୟାଟିଂ ପ୍ରଶିକ୍ଷକ ହେବା ପୂର୍ବରୁ ଏନସିଏରେ ଦ୍ରାବିଡଙ୍କ କୋଚିଂ ଷ୍ଟାଫ୍‌ର ଅଂଶ ଥିଲେ ।

ରିପୋର୍ଟରେ ଦର୍ଶାଯାଇଛି ଯେ ଦ୍ରାବିଡ ଆଇପିଏଲରେ ରାଜସ୍ଥାନ ରୟାଲ୍ସର କୋଚିଂ ଦାୟିତ୍ୱ ଗ୍ରହଣ କରିବେ । ୨୦୨୧ ପରଠାରୁ ଦଳର ନିର୍ଦ୍ଦେଶକ ଥିବା କୁମାର ସାଙ୍ଗାକାରା ଫ୍ରାଞ୍ଚାଇଜ୍ ସହିତ ରହିବେ ଏବଂ ଅନ୍ୟ ଲିଗରେ ସେମାନଙ୍କ ଟିମର ଯତ୍ନ ନେବେ । ତେବେ ୨୦୦୮ରୁ ରାଜସ୍ଥାନ ଟାଇଟଲ୍ ଅପେକ୍ଷାରେ ରହିଛି । ଆଇପିଏଲର ଉଦଘାଟନୀ ସିଜିନଠାରୁ ରାଜସ୍ଥାନ ରୟାଲ୍ସ ଟାଇଟଲ୍ ଜିତିବାରେ ହୋଇନି ସକ୍ଷମ । ୨୦୨୨ରେ ସଞ୍ଜୁ ସାମସନଙ୍କ ଅଧିନାୟକତ୍ୱରେ ଦଳ ରନର୍ ଅପ୍ ହୋଇଥିଲା । ସେହି ସିଜିନରେ ଗୁଜୁରାଟ ଟାଇଟାନ୍ସ ଟାଇଟଲ୍ ହାତେଇଥିଲା । ୨୦୨୩ରେ ରାଜସ୍ଥାନ ଟିମ୍ ପ୍ଲେଅଫ୍ରେ ସ୍ଥାନ ପକ୍କା କରିବାରେ ହୋଇଥିଲା ବିଫଳ ।

ସିଜିନରେ ବହୁତ ଭଲ ଆରମ୍ଭ ସତ୍ତ୍ୱେ ଟିମ୍ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଥିଲା । ୨୦୨୪ରେ ରାଜସ୍ଥାନ ଟିମ୍ କ୍ୱାଲିଫାୟର୍ ୨ରେ ହିଁ ହୋଇଥିଲା ବାହାର । ତେବେ ଚଳିତ ସିଜିନ୍‌ରେ ଦ୍ରାବିଡଙ୍କ କୋଚିଂରେ ଟ୍ରଫି ହାତେଇବା ନେଇ ରହିଛି ଆଶା ।

ପ୍ୟାରିସ୍ ପାରାଅଲିମ୍ପିକ୍ସରେ ପଦକ ବର୍ଷା

## ସଟ୍ ପୁଟ୍‌ରେ ସଚିନଙ୍କୁ ରୌପ୍ୟ

**ନୂଆଦିଲ୍ଲୀ,୪।୯:** ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪ର ସପ୍ତମ ଦିନରେ ଭାରତୀୟ ଆଥଲେଟ୍‌ଙ୍କ ଦେଖିବାକୁ ମିଳିଛି କମାଲ । ସଟ୍ ପୁଟ୍ (F-46)ରେ ଭାରତୀୟ ପାରା ଆଥଲେଟ୍ ସଚିନ ସାରଜେରାଓ ଖିଲାରୀଙ୍କୁ ମିଳିଛି ରେଜପ୍ୟ ପଦକ । ଯାହାଫଳରେ ବର୍ତ୍ତମାନ ସୁଦ୍ଧା ପାରା ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୧ରେ ପହଞ୍ଚି । ଭାରତ

**୨୧ରେ ପହଞ୍ଚିଲା ଭାରତର ମୋଟ ମେଡାଲ ସଂଖ୍ୟା**

ଏପର୍ଯ୍ୟନ୍ତ ୩ ଟି ସ୍ୱର୍ଣ୍ଣ, ୭ଟି ରେ?ପ୍ୟ ଓ ୧୧ଟି ବ୍ରୋଞ୍ଜ ମେଡାଲ ଜିତିସାରିଛି ।

ଫାଇନାଲ ବେଳେ ସଚିନ୍ ସରଜେରାଭ ଖିଲାରି ନିଜର ଦ୍ୱିତୀୟ ଚେଷ୍ଟାରେ ୧୬.୩୨ ମିଟର ଥ୍ରୋ କରିଥିଲେ । ଏହି ଇଭେଣ୍ଟର ଗୋଲ୍ଡ ମେଡାଲ କାନାଡାର ଗ୍ରେଗ୍ ଷ୍ଟିୱର୍ଟ ଜିତିଛନ୍ତି । ଷ୍ଟିୱର୍ଟଙ୍କ ବେଷ୍ଟ ଥ୍ରୋ ୧୬.୩୮ ମିଟର ରହିଛି । ସେଭଳି କ୍ରୋଏଶିଆର ବାକୋଭିକ ଲୁକା (୧୬.୨୭ ମିଟର) ବ୍ରୋଞ୍ଜ ମେଡାଲ ଜିତିଛନ୍ତି । ଭାରତର ମହମ୍ମଦ ୟାସର ଅଷ୍ଟମ ଓ ରୋହିତ କୁମାର ନବମ ସ୍ଥାନରେ ଅଛନ୍ତି ।

୩୪ ବର୍ଷୀୟ ସଚିନ ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାରୁ ଆସିଛନ୍ତି । ୯ ବର୍ଷ ବୟସରେ ସାଇକେଲ୍ ଦୁର୍ଘଟଣାରେ ସେ ଆହତ ହୋଇଥିଲେ, ଏହି କାରଣରୁ ତାଙ୍କର ବାମ ହାତ ଭାଙ୍ଗି ଯାଇଥିଲା । ତା ପରେ ଇଞ୍ଜିନିୟରିଂ ପଢିବା ସହ ଖେଳାଖେଳି ପ୍ରତି ତାଙ୍କର ଇଚ୍ଛାଶକ୍ତି ବଢିଥିଲା । ଆରମ୍ଭରୁ ସେ ଜାଭେଲିନ୍ ଥ୍ରୋ କରିବା ଆରମ୍ଭ କରିଥିଲେ, କିନ୍ତୁ କାନ୍ଧରେ ଆଘାତ କାରଣରୁ ସେ ସଟ୍ ପୁଟ୍‌କୁ ସିଲେକ୍ଟ କରିଥିଲେ । ଏହି ପରିବର୍ତ୍ତନ ତାଙ୍କ କ୍ୟାରିୟରରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ଭାବରେ ପ୍ରମାଣିତ ହୋଇଥିଲା ।




## ପୁଅକୁ ହାର୍ଦ୍ଦିକଙ୍କ ଘରେ ଛାଡ଼ିଲେ ନତାଶା

**ମୁମ୍ବାଇ, ୪।୯:** ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ପତ୍ନୀ ନତାଶା ଷ୍ଟାନକୋଭିକଙ୍କ ଛାଡ଼ପତ୍ର ପରେ ଏକ ନୂଆ ଖବର ସାମ୍ନାକୁ ଆସିଛି । ସେମାନଙ୍କ ପୁଅ ଅଗସ୍ତ୍ୟ ଏବେ ମୁମ୍ବାଇରେ ଥିବା ଜଣାପଡିଛି । ଛାଡପତ୍ର ପରେ ନତାଶା ପୁଅକୁ ନେଇ ସର୍ବିଆ ପଳାଇଥିଲେ । କିନ୍ତୁ ପରେ ସେ ମୁମ୍ବାଇର ହାର୍ଦ୍ଦିକଙ୍କ ଘରେ ଅଗସ୍ତ୍ୟାକୁ ଛାଡିଥିବା ଜଣାପଡିଛି । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭାଇ କୁନାଲ ପାଣ୍ଡ୍ୟାଙ୍କ ପତ୍ନୀ ପଂଖୁଡ଼ି ଶର୍ମା ଅଗସ୍ତ୍ୟର ଫଟୋ ଶେଆର କରିବା ପରେ ଏହା ସ୍ପଷ୍ଟ ହୋଇଛି । ପଂଖୁଡ଼ି ଇନଷ୍ଟାଗ୍ରାମରେ ଅଗସ୍ତ୍ୟ ଏବଂ ନିଜ ପୁଅ କବୀରଙ୍କ ସହ ଏକ କ୍ୟୁଟ୍ ଭିଡିଓ ଶେଆର କରିଛନ୍ତି । ସର୍ବିଆ ନେଇ ଯାଇଥିବା ଅଗସ୍ତ୍ୟଙ୍କୁ ନତାଶା ସୋମବାର ମୁମ୍ବାଇରେ ଛାଡ଼ି ଯାଇଥିବା କୁହାଯାଉଛି । କିନ୍ତୁ ନତାଶା ମୁମ୍ବାଇରେ ଅଛନ୍ତି ନା ସର୍ବିଆ ଚାଲି ଯାଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ । ୨୦୨୦ରେ ହାର୍ଦ୍ଦିକ ଓ ନତାଶା ବିବାହ କରିଥିଲେ । ଏହାପରେ ୨୦୨୩ରେ ପୁଣି ପାରମ୍ପରିକ ରୀତିନୀତି ଅନୁସାରେ ପୁନର୍ବାର ବିବାହ କରିଥିଲେ । ଛାଡ଼ପତ୍ରକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ଚଳିତ ବର୍ଷ ଜୁଲାଇରେ ଉଭୟ ଅଲଗା ହୋଇଥିଲେ । ଏହାପରେ ନତାଶା ଅଗସ୍ତ୍ୟଙ୍କୁ ନେଇ ସର୍ବିଆ ଚାଲି ଯାଇଥିଲେ ।






ବିରାଟ କୋହଲି କିମ୍ବା ଜୋ ରୁଟ୍ କିଏ ଶ୍ରେଷ୍ଠ ?

## ଉଚିତ୍ ଜବାବ ଦେଲେ ଗିଲଖ୍ରୀଷ୍ଟ

**ନୂଆଦିଲ୍ଲୀ, ୪।୯:** ସଂପ୍ରତି ଫାବ୍ ଫୋର ବ୍ୟାଟର ଭାବେ ଭାରତୀୟ ଦଳର ତାରକା ବ୍ୟାଟର ବିରାଟ କୋହଲି, ଇଂଲଣ୍ଡର ଜୋ ରୁଟ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ ଓ ନ୍ୟୁଜିଲାଣ୍ଡର କେନ ୱିଲିୟମସନ ପରିଚିତ । ଏହି ଚାରି ଜଣଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ତାକୁ ନେଇ ସର୍ବଦା ବିତର୍କ ହୋଇ ଆସିଛି । ତେବେ ଗତ ତିନି ଚାରି ବର୍ଷ ହେବ ଟେଷ୍ଟ କ୍ରିକେଟ୍‌ରେ ଜୋ ରୁଟ୍ ଯେଉଁଭଳି ବ୍ୟାଟିଂ କରୁଛନ୍ତି, ସେ ଅନ୍ୟ ତିନି କ୍ରିକେଟରଙ୍କୁ ପଛରେ ପକାଇ ଦେଇଛନ୍ତି । ଏହି ବିତର୍କରେ ଅଷ୍ଟ୍ରେଲିଆର ପୂର୍ବତନ ୱିକେଟ୍ କିପର ବ୍ୟାଟର ଆଡାମ ଗିଲଖ୍ରୀଷ୍ଟ ନିଜର ମତାମତ ରଖିଛନ୍ତି ଏବଂ ଏମିତି ଜବାବ ଦେଇଛନ୍ତି ଯେଉଁଥିରେ ସମସ୍ତେ ସହମତ ହେବାକୁ ବାଧ୍ୟ ହେବେ ।

କ୍ଲବ ପ୍ରେୟରୀ ଫାୟର ପଡକାଷ୍ଟରେ ଯେବେ ଉପରୋକ୍ତ ପ୍ରସଙ୍ଗକୁ ନେଇ ବିତର୍କ ହେଲା ଆଡମ ଗିଲଖ୍ରୀଷ୍ଟ ଟି-୨୦ ଓ ଦିନିକିଆରେ ବିରାଟ କୋହଲିଙ୍କୁ ଶ୍ରେଷ୍ଠ କହିଥିବା ବେଳେ ଜୋ ରୁଟ୍‌ଙ୍କୁ ଟେଷ୍ଟରେ ବଡ଼ ଖେଳାଳି ବୋଲି କହିଛନ୍ତି । ସେ କହିଛନ୍ତି ଗତ କିଛି ବର୍ଷର ତଥ୍ୟକୁ ଦେଖିଲେ ରୁଟ୍ ଟେଷ୍ଟରେ କୋହଲିଙ୍କଠୁ ଉନ୍ନତ ରହିଛନ୍ତି । ହେଲେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ରେକର୍ଡ ଦେଖିଲେ କିଏ ବେଷ୍ଟ ? ପ୍ରଶ୍ନର ଉତ୍ତରରେ ଗିଲଖ୍ରୀଷ୍ଟ କହିଛନ୍ତି ମ୍ୟାଚ୍ କେଉଁଠି ଖେଳାଯିବ ?

**କହିଲେ- ଟି-୨୦ ଓ ଦିନିକିଆରେ ବିରାଟ, ଟେଷ୍ଟରେ ରୁଟ୍ ଭଲ ବ୍ୟାଟର**

ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ମାଟିରେ ଟେଷ୍ଟ କ୍ରିକେଟ୍‌ରେ ବିରାଟ କୋହଲି ଭଲ ବ୍ୟାଟର ବୋଲି କହିଛନ୍ତି ଗିଲଖ୍ରୀଷ୍ଟ । ଜୋ ରୁଟ୍ ନିଜ କ୍ୟାରିୟରରେ ୩୪ ଟେଷ୍ଟ ଶତକ ଅର୍ଜନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ବି ଶତକ ହାସଲ କରି ନାହାନ୍ତି । ଯଦି ଅଷ୍ଟ୍ରେଲିଆ ବିପକ୍ଷରେ ଅଷ୍ଟ୍ରେଲିଆ ମାଟିରେ ପ୍ରଦର୍ଶନକୁ ଦେଖିବା ତେବେ ବିରାଟ କୋହଲି ଦମଦାର ଖେଳାଳି । ତେବେ ମୋଟାମୋଟି ଟେଷ୍ଟ କ୍ରିକେଟ୍‌ରେ ଜୋ ରୁଟ୍ ବିରାଟ କୋହଲିଙ୍କୁ ଟପି ଯାଇଥିବା ଗିଲଖ୍ରୀଷ୍ଟ କହିଛନ୍ତି ।

ବିଗତ ଦିନରେ ବିରାଟ କୋହଲିଙ୍କ ସହ ତାଙ୍କର ତୁଳନା ହୋଇ ଆସିଛି । ନିକଟରେ ମାଇକେଲ୍ ଭନ ଏକ ପୋଷ୍ଟ ସେୟାର କରି ଜୋ ରୁଟ୍‌ଙ୍କ ଟେଷ୍ଟ ରେକର୍ଡ ଦେଇ ଭାରତୀୟ କ୍ରିକେଟ୍ ପ୍ରେମୀଙ୍କୁ ଚିଡ଼ାଇବାକୁ ଚେଷ୍ଟା କରିଥିଲେ । ଏବେ ଗିଲଖ୍ରୀଷ୍ଟଙ୍କ ଉତ୍ତରରେ ଲାଗୁଛି ଭନ ସଠିକ୍ ଉତ୍ତର ପାଇ ଯାଇଥିବେ ବୋଲି ଭାରତୀୟ କ୍ରିକେଟ୍ ପ୍ରେମୀ ଆଶା ରଖିଛନ୍ତି ।

## ଜୀବନକୁ ନେଇ ସ୍ୱତନ୍ତ୍ର ବାର୍ତ୍ତା ଦେଲେ ସାନିଆ



**ନୂଆଦିଲ୍ଲୀ, ୪।୯:** ପୂର୍ବତନ ଭାରତୀୟ ଟେନିସ୍ ଖେଳାଳି ସାନିଆ ମିର୍ଜା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଥାଆନ୍ତି । ସାନିଆ ମିର୍ଜା ମାତ୍ର ୧୭ ବର୍ଷ ବୟସରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ । ସାନିଆ ସୋସିଆଲ ମିଡିଆରେ ପ୍ରାୟତଃ ସକ୍ରିୟ ଥାଆନ୍ତି । ସେ ପ୍ରାୟତଃ ତାଙ୍କ ବ୍ୟକ୍ତିଗତ ଜୀବନ ସହ ଜଡ଼ିତ ଘଟଣାକୁ ତାଙ୍କ ଫ୍ୟାନ୍ସଙ୍କ ସହ ଆଲୋଚନା କରିଥାଆନ୍ତି ।

ନିକଟରେ ସାନିଆ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ କହିଥିବା କଥା ବେଶ ଚର୍ଚ୍ଚାରେ ରହିଛି । ସାନିଆ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ଆମେ ନିଜ ଜୀବନକୁ ଆଦର୍ଶ ରାସ୍ତା ଆସିବା ଅପେକ୍ଷାରେ ନଷ୍ଟ କରି ଦେଇଥାଉ । ଆମେ ଭୁଲିଯାଇଥାଉ କି ରାସ୍ତା ଅପେକ୍ଷା କରିବା ଦ୍ୱାରା ନୁହେଁ ଆଗକୁ ବଢ଼ିଲେ ହିଁ ଶେଷ ହୋଇଥାଏ । ଆଉ ନୂଆ ରାସ୍ତା ଆସିଥାଏ ।

ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ସାନିଆ ମିର୍ଜାଙ୍କର ମୋଟ ସମ୍ପତ୍ତି ପ୍ରାୟ ୨୧୮ କୋଟି ଟଙ୍କା ଅଟେ । ଭାରତରେ ତାଙ୍କର ଲୋକପ୍ରିୟତା ତାଙ୍କୁ ବ୍ରାଣ୍ଡ ପ୍ରମୋସନ ପାଇଁ ଏକ ଲୋକପ୍ରିୟ ସେଲିବ୍ରିଟି କରିପାରିଛି । ସେ ଗୋଟିଏ ବିଜ୍ଞାପନ ସୁଟ ପାଇଁ ୬୦-୭୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ନେଇଥାଆନ୍ତି ।

ନିକଟରେ ସାନିଆ ମିର୍ଜା ଓ କ୍ରିକେଟର ମହମ୍ମଦ ସାମିଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଲୋକେ ଏହି ଫଟୋରେ ସାନିଆ ମିର୍ଜା ଖୁବଶୀଘ୍ର ମହମ୍ମଦ ସାମିଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ଦାବି କରିଥିଲେ । ଏଥିରେ ସାନିଆ ପ୍ରତିକ୍ରିୟା ଦେଇ ଲୋକଙ୍କୁ ଏଭଳି ଗୁଜବ ପ୍ରଚାର ନକରିବାକୁ ଅନୁରୋଧ କରିଥିଲେ ।

## ଭଲ ନାହିଁ ଯୋଗରାଜଙ୍କ ମାନସିକ ଅବସ୍ଥା

**ନୂଆଦିଲ୍ଲୀ, ୪।୯:** ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂଙ୍କ ପିତା ପୁଣି ଥରେ ବିବାଦରେ ଅଛନ୍ତି । ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନି ଓ କପିଲ ଦେବଙ୍କ ବିଷୟରେ ବିବାଦୀୟ ବିବୃତି ଦେଇ ଚର୍ଚ୍ଚାକୁ ଆସିଥିବା ଯୋଗରାଜଙ୍କୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି । ଉଭୟ ଧୋନି ଓ କପିଲ ଦେବଙ୍କ ପ୍ରଶଂସକ ତାଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି । ଏମଧ୍ୟରେ ଯୁବରାଜ ସିଂହ ଏକ ପୁରୁଣା ଭିଡିଓ ଭାଇରାଲ ହେଉଛି । ଗତ ବର୍ଷ ନଭେମ୍ବରରେ ଏକ ସାକ୍ଷାତକାରରେ ସେ ନିଜ ବାପାଙ୍କୁ ନେଇ ଦେଇଥିବା ବୟାନ ଏବେ ଭାଇରାଲ ହେବାରେ ଲାଗିଛି ।

**ସ୍ପଷ୍ଟ କଲେ ପୁଅ ଯୁବରାଜ**

ସେ କହିଥିଲେ ଯେ, 'ମୁଁ ଅନୁଭବ କରୁଛି ମୋ ବାପାଙ୍କର ମାନସିକ ସମସ୍ୟା ଅଛି । ହେଲେ ସେ ଏହାକୁ ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ । ଏହି ସମସ୍ୟାର ସମାଧାନ ସେ କରିବା ଆବଶ୍ୟକ, କିନ୍ତୁ ସେ ଏହାକୁ ଗ୍ରହଣ କରୁ ନାହାନ୍ତି ।'

ଉଲ୍ଲେଖଯୋଗ୍ୟ, ପ୍ରଥମେ ଧୋନିଙ୍କୁ ଟାର୍ଗେଟ କରି ସେ କହିଥିଲେ, 'ମୁଁ ଏମଏସ ଧୋନିଙ୍କୁ କ୍ଷମା କରିବି ନାହିଁ । ସେ ଦର୍ପଣରେ ତାଙ୍କ ମୁହଁକୁ ଦେଖିବା ଉଚିତ୍ । ସେ ଜଣେ ବହୁତ ବଡ କ୍ରିକେଟର, କିନ୍ତୁ ମୋ ପୁଅ ବିରୋଧରେ ସେ ଯାହା କରିଛନ୍ତି, ତାହା ବର୍ତ୍ତମାନ ବାହାରକୁ ଆସୁଛି । ଏହାକୁ ଜୀବନରେ କେବେ କ୍ଷମା କରାଯାଇପାରିବ ନାହିଁ । ମୁଁ ଜୀବନରେ କେବେବି ଦୁଇଟି ଜିନିଷ କରିନାହିଁ - ପ୍ରଥମ, ମୁଁ କାହାକୁ କ୍ଷମା କରି ନାହିଁ, ଯିଏ ମୋ ସହିତ ଭୁଲ କରିଛନ୍ତି ଏବଂ ଦ୍ୱିତୀୟରେ ମୁଁ ମୋ ଜୀବନରେ କେବେବି ସେମାନଙ୍କୁ ଆଲିଙ୍ଗନ କରି ନାହିଁ, ସେ ମୋ ପରିବାର ସଦସ୍ୟ ହୁଅନ୍ତୁ କି ମୋର ପିଲାମାନେ ।'

କପିଲ ଦେବଙ୍କୁ ନେଇ ସେ କହିଥିଲେ, 'ଆମ ସମୟର ସର୍ବଶ୍ରେଷ୍ଠ ଅଧିନାୟକ କପିଲ ଦେବ ... ମୁଁ ତାଙ୍କୁ କହିଥିଲି, ମୁଁ ଆପଣଙ୍କୁ ଏପରି ପରିସ୍ଥିତିରେ ଛାଡିଦେବି ଯେ ବିଶ୍ୱ ଆପଣଙ୍କ ଉପରେ ଛେପ ପକାଇବ । ଆଜି, ଯୁବରାଜ ସିଂଙ୍କ ପାଖରେ ୧୩ଟି ଟ୍ରଫି ଅଛି, ଏବଂ ତାଙ୍କ ପାଖରେ କେବଳ ଗୋଟିଏ । ବାସ୍ ଏଇଠି କଥା ଶେଷ ।'



## ନିର୍ବାଚନ ଲଢ଼ିବେ ବଜରଙ୍ଗ ଓ ଭିନେଶ !

**ରେସଲର ଭିନେଶ ଫୋଗାଟ ଏବଂ ବଜରଙ୍ଗ ପୁନିଆ ବୁଧବାର କଂଗ୍ରେସରେ ଯୋଗ ଦେଇଛନ୍ତି । ଏଥିସହ ଉଭୟ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ମଧ୍ୟ ଭେଟିଛନ୍ତି । ଏହି ଦେଖାସାକ୍ଷାତ ପରେ ହିଁ ଉଭୟ ନିର୍ବାଚନୀ ମୈଦାନକୁ ଓହ୍ଲାଇବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି ।**




**ନୂଆଦିଲ୍ଲୀ, ୪।୯:** ନିର୍ବାଚନ ମୈଦନାକୁ ଓହ୍ଲାଇବେ ଷ୍ଟାର୍ ରେସଲର୍ ବଜରଙ୍ଗ ପୁନିଆ ଓ ଭିନେଶ ଫୋଗାଟ୍ । କୁସ୍ତି ମୈଦାନ ପରେ ଏବେ ନିର୍ବାଚନୀ ମୈଦାନରେ ଦେଖାଇବେ ନିଜ ନିଜର ଦମ୍ । ହରିଆଣା ବିଧାନସଭା ନିର୍ବାଚନରେ ଏମାନେ ନିଜ ଭାଗ୍ୟ ପରୀକ୍ଷା । ଏଥିପାଇଁ ଉଭୟଙ୍କୁ କଂଗ୍ରେସ ପ୍ରାର୍ଥୀ କରିବ ବୋଲି ସୂତ୍ରରୁ ସୂଚନା ମିଳିଛି ।

ରେସଲର ଭିନେଶ ଫୋଗାଟ ଏବଂ ବଜରଙ୍ଗ ପୁନିଆ ବୁଧବାର କଂଗ୍ରେସରେ ଯୋଗ ଦେଇଛନ୍ତି । ଏଥିସହ ଉଭୟ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ମଧ୍ୟ ଭେଟିଛନ୍ତି । ଏହି ଦେଖାସାକ୍ଷାତ ପରେ ହିଁ ଉଭୟ ନିର୍ବାଚନୀ ମୈଦାନକୁ ଓହ୍ଲାଇବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି । ଆସନ୍ତା ମାସରେ ହରିଆଣାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଉଭୟ ପ୍ରତିଦ୍ୱନ୍ଦ୍ୱିତା କରିବେ । କଂଗ୍ରେସ ଟିକେଟ୍‌ରେ ହରିଆଣାର ବାଦିଲ୍‌ରୁ ବଜରଙ୍ଗ ପୁନିଆ ନିର୍ବାଚନ ଲଢ଼ିବେ । ସେହିପରି ଭିନେଶ ଫୋଗାଟ ଜୁଲାନା ଆସନରୁ ପ୍ରତିଦ୍ୱନ୍ଦ୍ୱୀ କରିବେ ବୋଲି କୁହାଯାଉଛି । ତେବେ ଏନେଇ କଂଗ୍ରେସ ପକ୍ଷରୁ ଏଯାଏଁ କୌଣସି ଘୋଷଣା ହୋଇନାହିଁ ।

ଗତ ଶନିବାର କୃଷକଙ୍କ ଆନ୍ଦୋଳନର ୨୦୦ ଦିନ ପୂରଣ ହେବା ପରେ ଭିନେଶ ଫୋଗାଟ ଚାଷୀଙ୍କ ପ୍ରତି ସମର୍ଥନ ଜଣାଇଥିଲେ । ସେ ଶମ୍ଭୁ ଏବଂ ଖାନୌରୀ ସୀମାରେ ପହଞ୍ଚିଥି । ଏହି ସମୟରେ ଭିନେଶଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ କି ବୋଲି ପଚରାଯାଇଥିଲା ଏହାର ଉତ୍ତରରେ ରେସଲର କହିଥିଲେ ଯେ ସେ ରାଜନୀତି ବିଷୟରେ ଜାଣି ନାହାଁନ୍ତି, କିନ୍ତୁ ଚାଷୀଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ।

କହିରଖୁ ଯେ, ଅକ୍ଟୋବର ୫ରେ ହରିଆଣାରେ ୯୦ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଅକ୍ଟୋବର ୮ରେ ଭୋଟ୍ ଗଣନା ହେବ ।

## ସୁଟର ୟୁସୁଫ ଭାଇରାଲ ହୋଇଥିବା ପୋଜକୁ ନେଇ କରିବାକୁ ଯାଉଛନ୍ତି ଏଭଳି କାମ

**ନୂଆଦିଲ୍ଲୀ, ୪।୯:** ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିବା ତୁର୍କୀର ସୁଟର ୟୁସୁଫ ଡିକେକଙ୍କ ଖେଳିବାର ଶୈଳୀ ଲୋକଙ୍କୁ ବେଶ ପସନ୍ଦ ଆସିଥିଲା । ଡିକେକ ପ୍ୟାରିସ ଅଲିମ୍ପିକ୍ସରେ ମିକ୍ସଡ ଟିମ ୧୦ମିଟର ଏୟାର ପିସ୍ତଲ ଚାଳନାରେ ଐତିହାସିକ ରୌପ୍ୟ ପଦ ଜିତିଛନ୍ତି । ନିକଟରେ ଖବର ମିଳିଛି କି ୟୁସୁଫ ତାଙ୍କ ଭାଇରାଲ ଶୈଳୀର ଟ୍ରେଡମାର୍କ କରିବାକୁ ଯାଉଛନ୍ତି । ଏଥିପାଇଁ ସେ ଏକ ଆବେଦନ ବି କରିଛନ୍ତି । ତୁର୍କୀର ସୁଟର ୟୁସୁଫ ଡିକେକଙ୍କ କୋଚ ଏର୍ଡିନକ ବିଲଗିଲି କହିଛନ୍ତି, 'ଡିକେକଙ୍କ ଆବେଦନ ତୁର୍କୀ ପେଟେଣ୍ଟ ଓ ଟ୍ରେଡମାର୍କ କାର୍ଯ୍ୟାଳୟରେ ଦିଆଯାଇଛି । ୟୁସଫ ତାଙ୍କ ପୋଜକୁ ଏଥିପାଇଁ ଟ୍ରେଡମାର୍କ କରିବାକୁ ଚାହୁଁଛନ୍ତି କାରଣ ତାଙ୍କ ବିନା ଅନୁମତିରେ ଅନେକ ଲୋକ ଏହି ପୋଜକୁ ନିଜର କହି ଟ୍ରେଡମାର୍କ କରିବାକୁ ଚେଷ୍ଟା କରୁଛନ୍ତି। ୟୁସଫଙ୍କ ଆବେଦନ ପରେ ସମସ୍ତଙ୍କ ଆବେଦନକୁ ଖାରଜ କରି ଦିଆଯାଇଛି । ତେବେ ପ୍ୟାରିସ ଅଲିମ୍ପିକ୍ସରେ ୟୁସୁଫ ରୌପ୍ୟ ପଦକ ଜିତିବା ପରେ ବଲିଉଡ ଅଭିନେତା ଆଦିଲ ହୁସେନଙ୍କୁ ଶୁଭେଚ୍ଛା ମିଳିବାରରେ ଲାଗିଥିଲା । କାରଣ ବଲିଉଡର ଅଭିନେତା ଆଦିଲ ହୁସେନ ଓ ୟୁସୁଫ ଡିକେକ ଦେଖିବାକୁ ଏକା ଭଳି । ତେଣୁ ବ୍ୟବହାରକରି ଦ୍ୱନ୍ଦ୍ୱରେ ପଡ଼ିଯାଇଛି ଏକ୍ସରେ 'ଆଦିଲ ହୁସେନ ଅଲିମ୍ପିକ୍ସ ୨୦୨୪ରେ ତୁର୍କୀ ପାଇଁ ରୌପ୍ୟ ଜିତିଥିବା ନେଇ ଅନେକ ଅନେକ ଶୁଭେଚ୍ଛା ଜଣାଇଥିଲେ ।'




Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar